ଧରିତ୍ରୀ
DHARITRI

November 20-26, 2022 ₹ 2/-

# ଛୁଟିଦିନ

ପ୍ରଚ୍ଛଦ ପ୍ରସଙ୍ଗ

୩

## ପରିବେଶ ଓ ଗୋସୁରକ୍ଷା ପାଇଁ ସମର୍ପିତ ଗାଁ

ଗାଁର ଏକ ନାଁ ଥାଏ। କିନ୍ତୁ ଅନେକ ସମୟରେ ଗ୍ରାମବାସୀମାନଙ୍କର ମହତକାର୍ଯ୍ୟ ସେ ଗାଁକୁ ଦେଇଥାଏ ନୂଆ ଏକ ପରିଚୟ। ଯେମିତି ପରିଚୟ ପାଇଛି ହରିପୁର ଗାଁ । ପରିବେଶ ଓ ଗୋ ସୁରକ୍ଷା ପାଇଁ ଏବେ ଏହି ଗାଁ ସବୁଠି ପରିଚିତ...



# ସୁଖ ସମୃଦ୍ଧି ପାଇଁ ବାସ୍ତୁ

**ପରିବାରରେ ଶାନ୍ତି ରହିବା ସହ ସୁଖମୟ ଜୀବନ ପାଇଁ ବାସ୍ତୁଶାସ୍ତ୍ରରେ କେତୋଟି ଉପାୟ କୁହାଯାଇଛି, ଯାହାକୁ ଆପଣାଇଲେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ...**

* ଘରେ କୌଣସି ଭଙ୍ଗାରୁଜା କିମ୍ବା ଅନାବଶ୍ୟକ ଜିନିଷ ରଖିବା ଠିକ୍ ନୁହେଁ। ବନ୍ଦ ହୋଇଯାଇଥିବା ଘଣ୍ଟା ବି ଘରେ ଅଶାନ୍ତି ସୃଷ୍ଟି କରିବାର ଅନ୍ୟତମ କାରଣ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।
* ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା ରଖିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି



କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବ ଡାଳ ବାନ୍ଧିଲେ ଘରେ ସକାରାତ୍ମକ ଊର୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
* ଘରେ ଗୋଟିଏ ରେଖାରେ ତିନୋଟି କବାଟ ରହିବା ଆଦୌ ଶୁଭ ଲକ୍ଷଣ ନୁହେଁ। ଏହା ମଧ୍ୟ ଘରେ ସମସ୍ୟା ଉପୁଜାଇଥାଏ। ତେଣୁ ନୂଆ ଘର ତିଆରି କରିବା ସମୟରେ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।
* ପୂଜା ପରେ କିମ୍ବା ସନ୍ଧ୍ୟା ଦେଇସାରିବା ପରେ ଅଥବା ଘରର କୌଣସି ସଦସ୍ୟ କାମରେ ବାହାରିଯିବା ପରେ ସଙ୍ଗେସଙ୍ଗେ ଘରେ ଝାଡୁ କରିବା ଉଚିତ୍ ନୁହେଁ। ଏହାଦ୍ୱାରା କାମରେ ବାଧା ସୃଷ୍ଟି ହେବା ସହ ଅଶାନ୍ତି ବଢିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୨୦-୨୬**

**ମେଷ**: ଆରୋଗ୍ୟ ଲାଭ, ଅର୍ଥ ପାଇବେ, କରଜ ସୁଝିବେ, ପାରିବାରିକ ସୌଖ୍ୟ, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାମରୁ ପ୍ରଶଂସା, ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାର୍ତ୍ତାଳାପ, ସମସ୍ୟା ସମାଧାନ, ବନ୍ଧୁଙ୍କ ସହାନୁଭୂତି, ସାଂଗଠନିକ ନେତୃତ୍ୱ, ପବ୍ଲିକେଶନରୁ ଲାଭ ॥

**ବୃଷ**: ମାନସିକ ଶାନ୍ତି, ରାଜନୈତିକ ପୃଷ୍ଠପୋଷକତା, ଶତ୍ରୁତାର ବିନାଶ, ପ୍ରତିଯୋଗୀତାରେ ସଫଳତା, ଅର୍ଥ ସଂକଟ, ଜମିଜମା ବିବାଦ, ଆଇନ ସହାୟତା ଲାଭ, ବିଦେଶଯାତ୍ରାର ସୁଯୋଗ, ଆତ୍ମସମ୍ମାନରେ ବାଧା, ପାରିବାରିକ ସମସ୍ୟା ॥

**ମିଥୁନ**: ଦୃଢନିଷ୍ପତି ନେବେ, ଦ୍ୱନ୍ଦ୍ୱରେ ପଡିବେ, ନିଜ ପରିସରରେ ବିରୋଧ, ଶିକ୍ଷାରେ ଉନ୍ନତି, ଗବେଷଣାରେ ଅଗ୍ରଗତି, ପର୍ଯ୍ୟଟନର ବିକାଶ, ତୀର୍ଥ ଭ୍ରମଣର ଯୋଜନା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରିବାରିକ ଅଶାନ୍ତି ॥

**କର୍କଟ**: ସୃଜନୀଶକ୍ତିର ଅଭିବୃଦ୍ଧି, ସୌନ୍ଦର୍ଯ୍ୟପିପାଶୁ ହେବେ, ଅଧ୍ୟୟନରେ ନିଷ୍ଠା, କଳାସ୍ଥାପତ୍ୟରେ ପ୍ରଶଂସା, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ପରିବାରରେ ବିତର୍କ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଅଶାନ୍ତ ବାତାବରଣ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ॥

**ସିଂହ**: ସମସ୍ୟା ଲାଗି ରହିବ, ସମାଧାନର ବାଟ ପାଇବେନି, ଶିଳ୍ପବାଣିଜ୍ୟରେ ଦ୍ୱନ୍ଦ୍ୱ, ଶେୟାର ବଜାରରେ ନିମ୍ନାଙ୍କ, ନିର୍ମାଣପୂର୍ତ୍ତିଙ୍କ ହେବ, ବ୍ୟୟବୃଦ୍ଧିରୁ ମନସ୍ତାପ, ପ୍ରତିରୋଧର ସାମନା, ଆତ୍ମୀୟଙ୍କ ସାହାଯ୍ୟ, ସହକର୍ମୀଙ୍କ ଦୌରାତ୍ମ୍ୟ ॥

**କନ୍ୟା**: ଶାରୀରିକ ସୁସ୍ଥତା, ଉନ୍ନତ ଚିନ୍ତା, ଉଦାର ଭାବନା, ତ୍ୟାଗପୂତ ମନୋଭାବ, ପ୍ରଶାସନିକ ତତ୍ପରତା, ପ୍ରକାଶନରେ ବିଳମ୍ବ, ଏଜେନ୍ସିପ୍ରସାର, ଚୁକ୍ତିପତ୍ର ସମ୍ପାଦନ, ସଭାସମିତିକୁ ଆହ୍ୱାନ, ଅପ୍ରିୟସତ୍ୟରୁ କଳହ ॥

**ତୁଳା**: ମାନସିକ ଅସ୍ଥିରତା, ବନ୍ଧୁଙ୍କ ସାହାଯ୍ୟ, ପରିବାରର ସମର୍ଥନ, ଆଶ୍ୱସ୍ତି ଅନୁଭବ, ଯାନ୍ତ୍ରିକ ତ୍ରୁଟିରୁ ମନସ୍ତାପ, ଯାତ୍ରାରେ ବିଳମ୍ବ, ପ୍ରତିଯୋଗୀତାରେ ଅପଦସ୍ତ, ସନ୍ତାନଙ୍କ ବିଶୃଙ୍ଖଳା, ଧର୍ମକାର୍ଯ୍ୟରେ ରୁଚି ॥

**ବିଛା**: କାର୍ଯ୍ୟ ସାଧନରେ ବିଳମ୍ବ, ବିଷାଦିତ ମନ, ବନ୍ଧୁଙ୍କ ସନ୍ଦେହ, ଯାତ୍ରା ସ୍ଥଗିତ, ଭୁଲ୍ ବୁଝାମଣାରୁ କଳହ, ବ୍ୟବସାୟରେ ଉନ୍ନତି, ବାଣିଜ୍ୟରେ ପ୍ରତିବନ୍ଧକ, ରଦ୍ଧଦ୍ୱାର ବୈଠକ, ଭ୍ରମଣର ଯୋଜନା, ସ୍ଥାନାନ୍ତର ଦୁଃଶ୍ଚିନ୍ତା, କ୍ରୀଡାରେ ସଫଳତା ॥

**ଧନୁ**: ଅନୁକୂଳ ପରିବେଶ, ସାମାଜିକ ସମ୍ମାନ, ଯୋଜନା କାର୍ଯ୍ୟକାରୀ ହେବ, ଯାନ୍ତ୍ରିକ ଜିନିଷ କ୍ରୟ, ପାରିବାରିକ ଶାନ୍ତି, ଭାବପ୍ରବଣତାରୁ ଭୁଲ୍ ନିଷ୍ପତି, ରାଜନୈତିକ ଆକ୍ରୋଶ, ବ୍ୟଙ୍ଗାତ୍ମକ ବାକ୍ୟାଳାପ ॥

**ମକର**: ପାରିବାରିକ ଅସ୍ଥିରତା, ବ୍ୟୟବହୁଳ ଜୀବନ, ସଂଘର୍ଷଯୁକ୍ତ କର୍ମ, ପ୍ରତିକୂଳ ପରିସ୍ଥିତି, ଧାର୍ମିକ ମନୋଭାବ, ଫଳପ୍ରଦ ଆଲୋଚନା, ଆନୁଷ୍ଠାନିକ କର୍ମାରମ୍ଭ, ସଭାସମିତିକୁ ଆହ୍ୱାନ ॥

**କୁମ୍ଭ**: ସମସ୍ୟା ପ୍ରତିହତ କରିବେ, ପ୍ରିୟଜନ ପାଖେଇବେ, ଆର୍ଥିକ ପ୍ରଗତି, ନୂତନ ଗୃହନିର୍ମାଣ, ଜମିଜମା କ୍ରୟବିକ୍ରୟ, ସରକାରୀ ସହାୟତା, ଅନୁସନ୍ଧାନରେ ସଫଳତା, ଉଦ୍ଭାବନରୁ ପ୍ରଶଂସା, କ୍ରୀଡା କଳାରେ ସୁନାମ ॥

**ମୀନ**: ସଂକଟଜନକ ପରିସ୍ଥିତି, ଧନହାନୀ ଓ କଳହ, ଭ୍ରାତୃ ବିବାଦ, ଗୁପ୍ତମନ୍ତ୍ରଣାରେ ସଫଳତା, ଋଣ ପରିଶୋଧ, ବିବାଦ ଧିମେଇବ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ପଦୋନ୍ନତିର ସୂଚନା, ଜମିଜମା ଲାଭ, ସାମାଜିକ ସମ୍ମାନ ॥

# ବାରମ୍ବାର ଛିଙ୍କ ହେଉଥିଲେ

ପରିବେଶ ପ୍ରଦୂଷଣ ଯୋଗୁ ହେଉ ଅଥବା ଥଣ୍ଡା ପାଇଁ ଅନେକଙ୍କର ବାରମ୍ବାର ଛିଙ୍କ ହୋଇଥାଏ। ଫଳରେ କୌଣସି କାମରେ ମନ ଲାଗେନି କି କାହା ସହିତ ଭଲରେ ପଦେ କଥା ହେବାକୁ ବି ଇଚ୍ଛା ହୁଏନି। ମନରେ ଚିଡ଼ିଚିଡ଼ାପଣ ଆସେ। କିନ୍ତୁ ଜାଣନ୍ତି କି ଏମିତି କିଛି ସହଜ ଘରୋଇ ଉପାୟ ରହିଛି, ଯାହାକୁ ଆପଣାଇ ଏହି ସମସ୍ୟାରୁ ଆରାମରେ ମୁକ୍ତି ପାଇହେବ।



ଯେମିତିକି: ଅଧା ଚାମଚ ମହୁରେ ଅଳ୍ପ କିଛି ଅଳେଇଚ ଗୁଣ୍ଡ ଏବଂ କେଇବୁନ୍ଦା ଲେମ୍ବୁ ରସ ମିଶାଇ ଦିନକୁ ୨/୩ ଥର ଖାଇଲେ ଛିଙ୍କ ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଉଷୁମ ପାଣିର ବାମ୍ଫ ନେଲେ ମଧ୍ୟ ଛିଙ୍କ ହେବା ବହୁ ମାତ୍ରାରେ କମିଯାଏ ବୋଲି କୁହାଯାଏ। ହଳଦୀ ମିଶା ଉଷୁମ କ୍ଷୀର ପିଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଫଳରେ ସହଜରେ ଥଣ୍ଡା ହୁଏ ନାହିଁ କି ଛିଙ୍କ ମଧ୍ୟ ହୋଇ ନଥାଏ। ଏମିତିକି ଛିଙ୍କ ହେଉଥିବା ସମୟରେ ମଧ୍ୟ ଏହି କ୍ଷୀର ପିଇବା ଅନେକ ଉପକାରରେ ଆସିଥାଏ। ତା'ଛଡ଼ା ଅଦା, ତୁଳସୀ, ଗୋଲମରିଚ ପକା ହୋଇଥିବା କଡ଼ା ଚା' ପିଇଲେ ବି ଛିଙ୍କ ସମସ୍ୟାରୁ ବହୁ ମାତ୍ରାରେ ମୁକ୍ତି ମିଳିଥାଏ। ଏସବୁବ୍ୟତିତ ଗୁଆ ଘିଅରେ ଗୋଲମରିଚ ଗୁଣ୍ଡ ଏବଂ କିଛି ତୁଳସୀ ପତ୍ର ମିଶାଇ ଖାଇଲେ ବି ଏହି ସମସ୍ୟା ଶୀଘ୍ର ଭଲ ହୋଇଯାଏ ବୋଲି ଅନେକଙ୍କର ମତ ରହିଛି। ଏହାଛଡ଼ା ସବୁଠୁ ବଡ଼ କଥା ହେଉଛି ଛିଙ୍କ ଦ୍ୱାରା ମଧ୍ୟ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ଜୀବାଣୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ। ତେଣୁ ଏ କ୍ଷେତ୍ରରେ ଛିଙ୍କ ହେଉଥିବା ବ୍ୟକ୍ତି ମାସ୍କ ବ୍ୟବହାର କରିବା ଏକ ଉତ୍ତମ ସମାଧାନ।

# ପାଠକୀୟ

* ଦିନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୌବାଣିଜ୍ୟର ସ୍ମାରକୀବହନ କରିଥିଲା ବାଲିଯାତ୍ରା। ତେବେ ସମୟକ୍ରମେ ଏହା ସୀମିତ ହେବାରେ ଲାଗିଲା। କେଉଁଠି କେଉଁଠି ଏହାର ଆୟୋଜନ ଖୁବ୍ ବିଶାଳ ହେବାବେଳେ ଆଉ କେଉଁଠି ଏହା ରହିଯାଇଛି ପ୍ରତୀକାତ୍ମକ ଭାବରେ। ତେଣୁ ଏଭଳି ଏକ ଉଲ୍ଲେଖନୀୟ ବିଷୟବସ୍ତୁକୁ ନେଇ ପ୍ରକାଶ ପାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାରେ ବାଲିଯାତ୍ରା' ଏକ ନିଆରା ଆଲେଖ୍ୟ ଥିଲା। 'ଲକି ବାମ୍ବୋ କେଉଁଠି ଲଗାଇବେ', 'କାର୍ତ୍ତିକ ପୂର୍ଣ୍ଣିମାରେ କ'ଣ କରିବା ଶୁଭ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

*-ରାଧାମୋହନ ମିଶ୍ର, ବମିଖାଲ, ଭୁବନେଶ୍ୱର*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ପ୍ରକାଶ ପାଇଥିବା 'ଓଡ଼ିଶାରେ ବାଲିଯାତ୍ରା' ଶୀର୍ଷକ ଆଲେଖ୍ୟଟି ବେଶ୍ ସୁଚନାଧର୍ମୀ ହୋଇଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମଲ୍ଟି କଲର୍ ଜୁଏଲେରୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବକ୍ସିଂ ଗୁରୁ ସୁଦର୍ଶନ ସାହୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ପଢି ଅନେକ ପ୍ରେରଣା ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ରିଲ୍' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା।

*-ରଞ୍ଜନ ବିଶ୍ୱାଳ, ଆଳି, କେନ୍ଦ୍ରାପଡ଼ା*

* ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ପ୍ରିୟଙ୍କା ଚୋପ୍ରାଙ୍କ ଚୁଲ୍‌ବୁଲି ଲୁକ୍‌ର ଫଟୋଟି ଆକର୍ଷକ ହୋଇଥିଲା। ଅନ୍ୟପକ୍ଷେ 'ଅପେକ୍ଷାରେ ଦୀପିକା', 'ଯାହାକୁ ଡରୁଥିଲେ ରକୁଲ୍', 'କେବଳ ୟଶ' ଶୀର୍ଷକ ଲେଖାଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଭରା ହୋଇଥିଲା।

*-ସୁନିଲ୍ ରଥ, ଖଣ୍ଡଗିରି, ଭୁବନେଶ୍ୱର*

* ଆଇନ୍‌ଜୀବୀ ବିଶ୍ୱ ଭାରତୀ ଦାଶଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ଯେତିକି ପ୍ରେରଣାଦାୟୀ ଥିଲା ସେତିକି ମନଛୁଆଁ ବି ଲାଗୁଥିଲା। 'ରଙ୍ଗିନ ଆବିଷ୍କାର' ଶୀର୍ଷକ ଆଲେଖ୍ୟଟି ଏକ ନିଆରା ବିଷୟ ଥିଲା। ମଡେଲ୍ ମିରର୍‌ରେ ଖୁସ୍‌ବୁ ବେଶ୍ ସୁନ୍ଦରୀ ଲାଗୁଥିଲେ। ତାଙ୍କର ଓଡ଼ିଆଣୀ ବେଶ ତାଙ୍କୁ ବେଶ୍ ମାନୁଥିଲା। ହାଃ ହାଃ ମଧ୍ୟ ମଜାଦାର୍ ହେଉଥିବାରୁ ଖୁସି ଲାଗୁଛି। *-ସତ୍ୟପ୍ରକାଶ ସ୍ୱାଇଁ, ଖଲ୍ଲିକୋଟ, ଗଞ୍ଜାମ*

* 'ଦେବତାଙ୍କ ଦ୍ୱୀପ ବାଲି' ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କଥା ଶୀତବସ୍ତ୍ରର' ଶୀର୍ଷକ ଲେଖାଟି ଯେତିକି ମନଛୁଆଁ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇପାରିଥିଲା। ବ୍ୟଙ୍ଗ ପୃଷ୍ଠାରୁ 'ଠିଆ ଖିଆ' ସମ୍ପର୍କରେ ଅନେକ କଥା ଶିଖିହେଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାଟି ମଧ୍ୟ ବେଶ୍ ନିଆରା ଲାଗୁଥିଲା।

*-ରୋନିକା ସାହୁ, ମୟୂରଭଞ୍ଜ*




## ବିଶେଷ ଚିଠି

ଓଡ଼ିଶାରେ ବାଲିଯାତ୍ରା
ଥିଲା ଏଥରର ପ୍ରଚ୍ଛଦ,
ମନେ ଭରି ଦେଉଥିଲା
ସିଏ ନୂଆ ନୂଆ ଉନ୍ମାଦ।
ଲାଇଫ୍‌ଷ୍ଟାଇଲ୍ ବି ଲାଗୁଥିଲା
ଭାରୀ ଚମତ୍କାର,
ସାଥୀର ଉତ୍ତର ମନେ ଟାଣୁଥିଲା
ପୀରତିର ଗାର।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ମୋ ପ୍ରାଣ ମୋ ଜୀବନ।

*-ଅଶୋକ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ-୨*

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# ପରିବେଶ ଓ ଗୋସୁରକ୍ଷା ପାଇଁ ସମର୍ପିତ ଗାଁ

**ଗାଁର ଏକ ନାଁ ଥାଏ। କିନ୍ତୁ ଅନେକ ସମୟରେ ଗ୍ରାମବାସୀମାନଙ୍କର ମହତକାର୍ଯ୍ୟ ସେ ଗାଁକୁ ଦେଇଥାଏ ନୂଆ ଏକ ପରିଚୟ। ଯେମିତି ପରିଚୟ ପାଇଛି ହରିପୁର ଗାଁ । ପରିବେଶ ଓ ଗୋ ସୁରକ୍ଷା ପାଇଁ ଏବେ ଏହି ଗାଁ ସବୁଠି ପରିଚିତ...**

ପ୍ରତ୍ୟେକ ଗାଁ ତା'ର ନାଁକୁ ନେଇ ପରିଚିତ। ହେଲେ ବେଳେବେଳେ ଗ୍ରାମବାସୀମାନଙ୍କର ମହତକାର୍ଯ୍ୟ ସେ ଗାଁକୁ ଦେଇଥାଏ ନୂଆ ଏକ ପରିଚୟ। ଯେଉଁଥିପାଇଁ ସେହି ଗାଁଟି ଅନ୍ୟ ଗାଁଠାରୁ ନିଜକୁ ସ୍ୱତନ୍ତ୍ର କରେ। ସେମିତି ଏକ ଗାଁ ହରିପୁର। ଯେଉଁଠି ଗ୍ରାମବାସୀଙ୍କ ମଧ୍ୟରେ ରହିଛି ଅଭୁତପୂର୍ବ ଏକତା। ନିଜ ଉଦ୍ୟମରେ ସେମାନେ ଜଙ୍ଗଲ ସୁରକ୍ଷା, ଗୋ ସୁରକ୍ଷା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହାସହିତ ସେମାନେ ପରମ୍ପରାକୁ ସମ୍ମାନ ଦେଇ ଶମ୍ଭୁମେଳଣର ବି ଆୟୋଜନ କରନ୍ତି। ୧୬ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର- ବାଲୁଗାଁ ଅଭିମୁଖେ ଆସିଲେ ନାରୁଣୀ ବଜାର ପୂର୍ବରୁ ପଡ଼ିବ ଏକ ଛକ, ଯାହାର ନାମ ବୃଷଭ ଛକ । ଏହା ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତର୍ଗତ, ଯେଉଁଠି କି ହରିପୁର ଗ୍ରାମକୁ ଯିବା ପାଇଁ ସଙ୍କେତ ରହିଛି। ଏଠାରୁ ପ୍ରତାପେଶ୍ୱର ଦେବ ଗ୍ରାମ୍ୟ ଜଙ୍ଗଲ ରାସ୍ତାରେ କିଛିଦୂର ଆସିଲେ ଡାହାଣପଟକୁ ନଜର ପଡ଼ିବ ଗାଁ ମଶାଣି, ନିକଟରେ ରହିଛି ବିଦ୍ୟୁତ୍ ଅଫିସ, ଗୋମିତ୍ର କାର୍ଯ୍ୟାଳୟ ଏବଂ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ। ନିକଟରେ ଥିବା ଦକ୍ଷିଣ –ପୂର୍ବରେଳପଥର ଏକ ଗେଟ୍ ଅତିକ୍ରମ କରିବା ପରେ ପଡ଼ିବ ଶମ୍ଭୁ ମେଳଣ ପଡ଼ିଆ । ଏହାପରେ ଗାଁ ଭିତରକୁ ପ୍ରବେଶ ମାତ୍ରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁରୁଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଏବଂ ଲକ୍ଷ୍ମୀଧର ସରକାରୀ ହାଇସ୍କୁଲ, ଆପଣଙ୍କୁ ସ୍ୱାଗତ ଜଣାଉଛି ହରିପୁର ଗ୍ରାମର ନାମଫଳକ ନଜର ପଡ଼ିବ। ତେବେ ଏହି ଗ୍ରାମପଞ୍ଚାୟତଟି ପ୍ରଥମେ ବିରିବାଡ଼ି –ହରିପୁର ପଞ୍ଚାୟତ ଭାବେ ନାମିତ ଥିଲା। ମାତ୍ର ୧୯୬୨ ମସିହାରୁ ଏହା ହରିପୁର ଗ୍ରାମପଞ୍ଚାୟତର ମାନ୍ୟତା ପାଇଛି। ଏବେ ଏହାର ୧୪ଟି ୱାର୍ଡ ରହିଛି। ମୌଜା ଭାବେ- ହରିପୁର, ବାଲିଆ, ନିମନା, ଅମରଓଳି, ଅଠରବାଟିଆ, ବେଗୁନିଆ, ପରବଳ, ଛୋଟରାୟପୁର, ଲୋକିପୁର, ସିଂହପୁର ଓ ଗଙ୍ଗାଧରପୁର ଆଦି ରହିଛି। ହରିପୁର ଗାଁର ପୂର୍ବରେ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବ ଓ ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ପତିତପାବନ ଦେବଙ୍କ ମନ୍ଦିର, ମାର୍ଥା ପୋଖରୀ, କପାକ୍ଷି ପୋଖରୀ ରହିଛି। ସେହିପରି ପଶ୍ଚିମରେ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଶମ୍ଭୁ ମେଳଣ ପଡ଼ିଆ, ଖେଳପଡ଼ିଆ। ଉତ୍ତରରେ ଦକ୍ଷିଣପୂର୍ବ ରେଳପଥ, ବାଲିଗାଡ଼ିଆ ପୋଖରୀ, ଗ୍ରାମ୍ୟ ଜଙ୍ଗଲ ଏବଂ ଦକ୍ଷିଣରେ ରାମଚଣ୍ଡୀ ମନ୍ଦିର, କୁମ୍ଭାରଖାତ ପୋଖରୀ, ରାଣିଗାଡ଼ିଆ, କାଳତୁଆ ଆଦି ଜଳାଶୟ ରହିଥିବାବେଳେ ଗ୍ରାମର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନଇରୀ ଗ୍ରାମରେ ରହିଛି। ଗାଁରେ ସାକ୍ଷର ହାର ପ୍ରାୟ ୯୭ ପ୍ରତିଶତ ହେବ। ଗାଁର ଅଧିକାଂଶ ବାସିନ୍ଦା ଚାଷ ଉପରେ ନିର୍ଭରଶୀଳ। ଏହି ଗ୍ରାମର ବହୁ ବ୍ୟକ୍ତି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। ତେବେ ସମସ୍ତଙ୍କ ଭିତରେ ସାମାଜିକ ସଦ୍ଭାବନା ଦେଖିବାକୁ ମିଳେ। ସବୁଠୁ ବଡ଼ କଥା ହେଲା ଏହି ଗାଁର ଲୋକମାନେ ବେଶ୍ ପରିବେଶ ସଚେତନ। ଦିନକୁ ଦିନ ଯେଉଁଭଳି ଭାବରେ ଜଙ୍ଗଲକ୍ଷୟ ହୋଇ ଚାଲିଛି ସେହିକଥା ଚିନ୍ତା କରି ସେମାନେ ଜଙ୍ଗଲ ସୃଷ୍ଟି କରିବାର ପଣ କଲେ। ଗଛ ଲଗାଇବା ସହିତ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇ ଜଙ୍ଗଲ ସୁରକ୍ଷାର ଦାୟିତ୍ୱ ନେଲେ। ଦିନେ କି ଦୁଇଦିନ ନୁହେଁ ବର୍ଷବର୍ଷ ଧରି ସେମାନେ ଗଛ ଲଗାଇ ଚାଲିଛନ୍ତି। ତା'ର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ଆଉ ଗଠନ କରିଛନ୍ତି ହରିପୁର ଗ୍ରାମ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବ ବନସୁରକ୍ଷା ସମିତି। କଇଥପଲା ଡ଼ିପିଏଫ ଏହାର ଏକ ଅଂଶ । ଅନେକ ସମସ୍ୟା ଏଥିପାଇଁ ବାଟ ଓଗାଳିଛି ହେଲେ ଅଟକି ଯାଇନି ଏମାନଙ୍କ ଉଦ୍ୟମ। ନୂତନ ଜଙ୍ଗଲ ସୃଷ୍ଟି ଗ୍ରାମବାସୀଙ୍କ ମଧ୍ୟରେ କେବଳ ଭାଇଚାରା ସୁଦୃଢ଼ କରିନି ବରଂ ପ୍ରାକୃତିକ ପରିବେଶରେ ଜଙ୍ଗଲ ଯୋଗାଇଛି ଏମାନଙ୍କୁ ଜୀବିକା ନିର୍ବାହର ପନ୍ଥା। ଏହି ଜଙ୍ଗଲ ପ୍ରାୟ ୨ଶହ ହେକ୍ଟର ପରିମିତ ଅଞ୍ଚଳ। ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ରହିଛି। ଆମ୍ବ, ପଣସ ସମେତ ଅନ୍ୟ ବୃକ୍ଷ ଅପେକ୍ଷା ଅଧିକାଂଶ ଆକାଶିଆ, ପଟାସ ଗଛ ରହିଛି। କିନ୍ତୁ ଜଙ୍ଗଲରେ ପଶୁପକ୍ଷୀ କିପରି ନିର୍ଭୟ ଓ ମୁକ୍ତରେ ରହିପାରିବେ ସେ ନେଇ ଗ୍ରାମବାସୀ ଯତ୍ନବାନ୍। ଏଥିପାଇଁ ଏହି ଜଙ୍ଗଲରେ ମୟୂର, ବଣକୁକୁଡ଼ା, ଠେକୁଆ, ବିଲୁଆ, କଟାଶ, ବାରହା ଦେଖିବାକୁ ମିଳନ୍ତି। ବେଳେ ବେଳେ ହାତୀ, ହେଟାବାଘ ଓ ଚିଲିକା ବିରାଡ଼ି ଆଦି ବନ୍ୟପ୍ରାଣୀ ଦେଖାଯା'ନ୍ତି। ଜୀବଜନ୍ତୁ ଜଳପିଇବା ନିମନ୍ତେ ଏହି ଜଙ୍ଗଲ ମଧ୍ୟରେ ଜଙ୍ଗଲ ବିଭାଗ ଜରିଆରେ ଏକ ପୋଖରୀ ଖୋଳାଯାଇଛି। ଏହି ଜଙ୍ଗଲର ସୁରକ୍ଷା ନିମନ୍ତେ ଗ୍ରାମବାସୀଙ୍କ ସହଯୋଗରେ ଓ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ସୁରକ୍ଷା ଲାଗି ଜଣଙ୍କୁ ଜଗୁଆଳି ଭାବେ ରଖାଯାଇଛି। ଜଙ୍ଗଲ କମିଟି ଏହାର ସୁରକ୍ଷା ଦାୟିତ୍ୱ ନେଇଛି। ବର୍ତ୍ତମାନ ଜଙ୍ଗଲକମିଟିର ସଭାପତି ଭାବେ ଚରଣ ସ୍ୱାଇଁ ଏବଂ ସମ୍ପାଦକ ଭାବେ ଜଣେ ଫରେଷ୍ଟର ଦାଇତ୍ୱରେ ରହିଛନ୍ତି। ଏହି ଜଙ୍ଗଲର ସୁରକ୍ଷା ପାଇଁ ଗାଁ କମିଟିକୁ ୨୦୧୧ରେ ପ୍ରକୃତିମିତ୍ର ଏବଂ ୨୦୧୩ରେ ବିଜୁ ପଟ୍ଟନାୟକ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ପୁରସ୍କାର ମିଳିଛି। ୨୦୧୭ରେ ୨୦ହଜାର ଟଙ୍କା ପୁରସ୍କାର ମିଳିଛି। ସେହିପରି ଗ୍ରାମବାସୀଙ୍କ ଉଦ୍ୟମରେ ଆଧାତ୍ମିକ ଓ ସାଂସ୍କୃତିକ ଜାଗରଣ ପାଇଁ ପଶ୍ଚିମାଭିମୁଖୀ ମହାଶମ୍ଭୁ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପବିତ୍ର ପୀଠରେ ପ୍ରାୟ ୨୦୦୦ ମସିହାଠାରୁ ପ୍ରତିବର୍ଷ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ନବମୀ ତିଥିରେ ଜଗତ ମଙ୍ଗଳ ନିମନ୍ତେ ଯଜ୍ଞ ଓ ଶମ୍ଭୁ ମେଳଣ ଉତ୍ସବ ଆୟୋଜନ ହୋଇଥାଏ ଏବଂ ସାବିତ୍ରୀ ଅମାବାସ୍ୟା ପରଦିନ ଶମ୍ଭୁ ମେଳଣ ଉଦ୍‌ଯାପିତ ହୋଇଥାଏ। ଏଥିଯୋଗୁ ଗାଁରେ ଭାଇଚାରା ସୁଦୃଢ଼ ହୋଇଥାଏ।

**ଗୋସୁରକ୍ଷା ଚିନ୍ତା:** ଭାରତୀୟ ସଂସ୍କୃତି ପୂଜ୍ୟପୂଜାର ସଂସ୍କୃତି। ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଗୋସେବା କରି ଗୋପାଳ ନାମରେ ଖ୍ୟାତ। ଅଯୋଧ୍ୟାର ରାଜା ଦିଲୀପ ଓ ସତ୍ୟକାମ ଗୋସେବା କରି ନିଜକୁ ଧନ୍ୟ ମନେକରିଥିଲେ। ବଶିଷ୍ଠଙ୍କ ଆଶ୍ରମରେ କାମଧେନୁ ଗାଈ ସହସ୍ରାଧିକ ଲୋକଙ୍କୁ ଖାଦ୍ୟପେୟ ଯୋଗାଉଥିବାର ପୁରାଣରେ ବର୍ଣ୍ଣିତ। ଏମିତି ବି କୁହାଯାଇପାରେ ଗୋମାତାଙ୍କ ଦେହରେ ତେତିଶକୋଟି ଦେବତା ବାସକରନ୍ତି। ଏ ସବୁ ବିଶ୍ୱାସର କଥା। କିନ୍ତୁ ପ୍ରକୃତ ପକ୍ଷେ ଗୋମାତା

→





ଆମର ଯେତିକି ଉପକାର କରନ୍ତି ସେତିକି ଆମେ ଅନ୍ୟକାହାଠାରୁ ପାଇବା ନାହିଁ। ଗୋଦୁଗ୍ଧ ଆଧ୍ୟାତ୍ମିକ ସାଧନା ପାଇଁ ଅତି ମହତ୍ତ୍ୱପୂର୍ଣ୍ଣ ବୋଲି ସ୍ୱାମୀ ଶିବାନନ୍ଦ ସରସ୍ୱତୀ କହିଛନ୍ତି। ଆୟୁର୍ବେଦ ଅନୁସାରେ ଗୋଦୁଗ୍ଧ- ଗୋମୂତ୍ରର ଉପକାର ଅବର୍ଣ୍ଣନୀୟ। ପ୍ରାଚୀନ ଭାରତରେ ଗୋହତ୍ୟା ନରହତ୍ୟା ସହ ସମାନ ଥିଲା। ଅଥବା ତା' ଠାରୁ ଅଧିକ ଜଘନ୍ୟ ଅପରାଧ ବୋଲି ପରିଗଣିତ ହେଉଥିଲା । ଗୋପୂଜା ପରମ୍ପରା ଭାରତରେ ବହୁ ପ୍ରାଚୀନ। ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ଗୋମାତାଙ୍କ ରକ୍ଷଣାବେକ୍ଷଣ କଲେ ଧନ, ସମ୍ପଦ ବୃଦ୍ଧି ସହିତ ପରିବାରରେ ମଙ୍ଗଳ ହୋଇଥାଏ। ଗୋସେବା ଓ ପୂଜା କଲେ କୋଟି ପୁଣ୍ୟର ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଆଉ ଏହି ବିଶ୍ୱାସକୁ କାର୍ଯ୍ୟରେ ଦେଖାଇଛନ୍ତି ହରିପୁର ଗ୍ରାମବାସୀ।

ଆଗରୁ ଏହି ଗାଁ ନିକଟରେ ଯାଇଥିବା ରେଳଲାଇନରେ ଅନେକସମୟରେ ଗୋରୁ ପାର ହେଉଥିବାବେଳେ ଟ୍ରେନ୍ ମାଡ଼ିଯିବାରୁ ଅକାଳରେ ଗୋରୁଙ୍କ ମୃତ୍ୟୁ ହେବା ଘଟଣାରେ ଗୋରୁଙ୍କ ସଂଖ୍ୟା କମି ଯାଉଥିବାରୁ ଗ୍ରାମର ଏକାଧିକ ଧର୍ମପ୍ରାଣ ବ୍ୟକ୍ତିଙ୍କ ମନରେ ଦୁଃଖ ଦେଇଥିଲା। ଏଥିଯୋଗୁ ଗ୍ରାମବାସୀ ଗୋବଂଶର ସୁରକ୍ଷା ପାଇଁ ଚିନ୍ତାକଲେ। ନିକଟ ବଉଳାବନ୍ଧ ଗ୍ରାମରେ ଏକ ଗୋଶାଳାକୁ ଆସିଥିବା ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆବାହକ ପୁରୀଙ୍କ ପ୍ରେରଣାରେ ପ୍ରଥମେ ଗ୍ରାମର ନାରାୟଣ ପରିଡ଼ା, ପ୍ରଦୀପ ବଳବନ୍ତରାୟ
ଗ୍ରାମବାସୀଙ୍କ ପରାମର୍ଶ ଓ ସହଯୋଗ ଲୋଡ଼ିଥିଲେ। ଏହାପରେ କେତେକ ବୁଲାଗୋରୁ ଏବଂ ବଦାନ୍ୟ ବ୍ୟକ୍ତି ଦାନକରିଥିବା ଗାଈକୁ ସୁରକ୍ଷିତ ଭାବେ ପ୍ରତାପେଶ୍ୱର ଦେବଙ୍କ ଆନନ୍ଦବଜାର ପଡ଼ିଆରେ ରଖାଯାଇଛି। ଏମିତିରେ ପ୍ରାୟ ୫୫ଟି ଗାଈ ରହିଛନ୍ତି। ଏମାନଙ୍କ ରକ୍ଷଣା ବେକ୍ଷଣ, ଖାଦ୍ୟ ଓ ଗୋସେବାଲାଗି କେତେଜଣ ଆଗ୍ରହୀ ବ୍ୟକ୍ତିଙ୍କଠାରୁ କିଛି ଦାନ ଅର୍ଥକୁ ସଂଗ୍ରହ କରାଯାଇଥାଏ। ଗ୍ରାମବାସୀଙ୍କଠାରୁ ଜଣପିଛା ୨ଟଙ୍କା ଲେଖାଏ ସଂଗ୍ରହ କରାଯାଉଛି। କେତେଜଣ ଲୋକ ମୁଠି ଚାଉଳ ଭିକ୍ଷା କରି ଏଠାରେ ପ୍ରଦାନ କରିଥା'ନ୍ତି। ହରିପୁର ଗ୍ରାମ୍ୟ ଜଙ୍ଗଲର ଗୋଚର ଭୂମିରେ ଚଳିତବର୍ଷ ଗୋଷ୍ଠାଷ୍ଟମୀରେ ହରିପୁର ଗୋ-ଅଭୟାରଣ୍ୟର ଭୂମିପୂଜନ ଉତ୍ସବ ହୋଇଥିଲା। ଗୋବଂଶ ସୁରକ୍ଷା ନିମନ୍ତେ ବିଷ୍ଣୁଚରଣ ପଣ୍ଡା ମହାରାଜ, ପଣ୍ଡିତ ଗୋଦାବରୀଶ ହୋତା, ଆଇନଜୀବୀ ନିରଞ୍ଜନ ପାଢ଼ୀ, ହଟକେଶ୍ୱର ମନ୍ଦିର କମିଟି ସଭାପତି ଦିଲୀପ ପଣ୍ଡା, ବୃନ୍ଦାବନ ଦେବତା, ଲଳିତମୋହନ ପଟ୍ଟନାୟକ ପୂର୍ବତନ ଅଧ୍ୟକ୍ଷ ଚିଲିକା ବ୍ଲକ, ଜ୍ୟୋତ୍ସ୍ନାରାଣୀ ବେହେରା ଚିଲିକା ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ପାଲାକାର ରାମଚନ୍ଦ୍ର କର, ଗୋଦାବରୀଶ ବିଶ୍ୱାଳ, ଭବାନୀ ମହାପାତ୍ର, ହରିବନ୍ଧୁ ଜେନା, ବ୍ରହ୍ମଚାରୀ ଜେନା, ପ୍ରଦୋଷ ଦାସ, ଡାକ୍ତର ଉତ୍ପଳ ପାଇକରାୟ, ସୁଦାମ ନାୟକ, ସୁମନ୍ତ ପଟ୍ଟନାୟକ, ପ୍ରଦୀପ ବଳବନ୍ତରାୟ, ପ୍ରତାପ ହରିଚନ୍ଦନ, ପ୍ରମୋଦ ସାମନ୍ତରାୟ, ଛବି ଗୁରୁ, ପ୍ରସନ୍ନ ପାଢୀ, ଲକ୍ଷ୍ମଣ ସ୍ୱାଇଁ, ନାରାୟଣ ପରିଡ଼ା, ଗୀତାଞ୍ଜଳି ବେହେରା ସରପଞ୍ଚ ହରିପୁର, କୃଷ୍ଣଚନ୍ଦ୍ର ପରିଡ଼ା, ମେଘାସନ ବରାଡ଼ ପ୍ରମୁଖ ଅନେକ ଗୋସୁରକ୍ଷାପ୍ରେମୀଙ୍କ ସହଯୋଗ ରହିଛି। ତେବେ ହରିପୁର ଗୋଅଭୟାରଣ୍ୟରେ ପ୍ରାଣୀଧନ ସୁରକ୍ଷା ତଥା ସେମାନଙ୍କର ଉତ୍ତମ ରକ୍ଷଣାବେକ୍ଷଣ ଲାଗି ସୁବିଧା କରାଇବା ଏବଂ ମୁକ୍ତ ବାତାବରଣ ମଧ୍ୟରେ ଚଳପ୍ରଚଳ କରାଇବା ଗ୍ରାମବାସୀଙ୍କ ପ୍ରୟାସ ଅନୁକରଣୀୟ।

**–ବନବିହାରୀ ବେହେରା**



ବିଷ୍ଣୁଚରଣ ପଣ୍ଡା ମହାରାଜ



ବଳଭଦ୍ର ବଳବନ୍ତରାୟ



ଲଳିତ ମୋହନ ପଟ୍ଟନାୟକ



କେଳୁଚରଣ ପରିଡ଼ା



ନାରାୟଣ ପରିଡ଼ା



ଗୀତାଞ୍ଜଳି ବେହେରା




## ଏମାନେ କୁହନ୍ତି...

ପୂର୍ବରୁ ଚିଲିକା ହରିପୁର ଗ୍ରାମକୁ ଆସିଥିବାବେଳେ ଜାଣିବାକୁ ପାଇଥିଲୁ ଏହି ଅଞ୍ଚଳରୁ ଦିନକୁଦିନ ଗୋସମ୍ପଦ କମିଯାଉଛି। ଗୋ ବଂଶ ବୃଦ୍ଧି ଓ ସୁରକ୍ଷାପାଇଁ ଚିନ୍ତା କଲୁ ଏବେ ହରିପୁର ଗ୍ରାମବାସୀଙ୍କ ଉଦ୍ୟମ ଓ ସହଯୋଗରେ ଗୋ-ଅଭୟାରଣ୍ୟର ପ୍ରୟାସହୋଇଛି। ଏହା ଯୁଗଯୁଗକୁ ଖ୍ୟାତି ରହିବା ସହିତ ଅନ୍ୟମାନଙ୍କୁ ପ୍ରେରଣାଦେବ।

***–ବିଷ୍ଣୁଚରଣ ପଣ୍ଡା ମହାରାଜ, ଶ୍ରୀରାମ ସୁନ୍ଦରାକାଣ୍ଡ ଗୋ ବଂଶ ସୁରକ୍ଷା ଟ୍ରଷ୍ଟ, ପୁରୀ***

ଧୀରେଧୀରେ ଗୋ ସମ୍ପଦ କମୁଥିବାବେଳେ ବର୍ତ୍ତମାନ ହରିପୁର ଗ୍ରାମବାସୀଙ୍କ ଉଦ୍ୟମ ଓ ସହଯୋଗରେ ଗୋ ମାତାର ସୁରକ୍ଷା ସହ ଗୋବଂଶରେ ବୃଦ୍ଧି ହେବ। ଗୋଚର ଭୂମି ରହିବା ସହ ଗ୍ରାମ୍ୟ ଜଙ୍ଗଲ ବୃଦ୍ଧି ହେବ।

***– ବଳଭଦ୍ର ବଳବନ୍ତରାୟ, ପୂର୍ବତନ ସରପଞ୍ଚ, ହରିପୁର***

ଜଙ୍ଗଲ ସୁରକ୍ଷାରେ ଆମ ଗାଁର ସୁନାମ ରହିଛି । ଆମ ଗାଁ ପାଇଁ ଗୋ-ଅଭୟାରଣ୍ୟ ଆଉ ଏକ ଗୌରବ। ଜଙ୍ଗଲର ସୁରକ୍ଷା ହେବ। ଗୋସମ୍ପଦ ସୁରକ୍ଷିତ ରହିବ । ଏଥିରେ ଗ୍ରାବାସୀଙ୍କ ଉଦ୍ୟମ ରହିବ। ଗୋ ସମ୍ପଦ ଗ୍ରାମ୍ୟ ସଂସ୍କୃତିର ସ୍ୱତନ୍ତ୍ର ଅଙ୍ଗ। ଏହା ଗାଁର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହେବ। ***–ଲଳିତ ମୋହନ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ, ଚିଲିକା ପଞ୍ଚାୟତ ସମିତ***

ଗୋ ସେବା କେବଳ ପରମ୍ପରା ନୁହେଁ, ଗ୍ରାମ୍ୟ ଅର୍ଥନୀତିର ଏକ ମୁଖ୍ୟ ଅଂଶ ମଧ୍ୟ। ବଞ୍ଚିଥିବା ଯାଏ ଗୋମାତା ଓ ଗୋବଂଶର ସୁରକ୍ଷା କରିବୁ। ଏଥିପାଇଁ ଆମେ ସଙ୍କଳ୍ପବଦ୍ଧ।

***–କେଳୁଚରଣ ପରିଡ଼ା, ପୂର୍ବତନ ସଭାପତି, ଗ୍ରାମ୍ୟ ଜଙ୍ଗଲ କମିଟି***

ଆମ ଗ୍ରାମବାସୀଙ୍କ ଉଦ୍ୟମ ଓ ସହଯୋଗରେ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା, ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ଶମ୍ଭୁ ମେଳଣ ଏବଂ ଗୋମାତା ସୁରକ୍ଷା ଆଦି କରାଯାଉଛି। ଏହା ଦ୍ୱାରା ପରସ୍ପର ମଧ୍ୟରେ ଏକତା ବଢୁଛି।

***–ନାରାୟଣ ପରିଡ଼ା, ସଦସ୍ୟ ଗୋ ଅଭୟାରଣ୍ୟ, ହରିପୁର***

ସରକାରୀସ୍ତରରେ ହରିପୁର ପଞ୍ଚାୟତ ପାଇଁ ଗାଁରେ ଗୋ-ସମ୍ପଦର ବିକାଶ ଓ ସୁରକ୍ଷା ପାଇଁ ଯେଉଁ ଯୋଜନା ହେବ ତାହାକୁ ନିଷ୍ଠାର ସହିତ କାର୍ଯ୍ୟକରିବୁ।

***– ଗୀତାଞ୍ଜଳି ବେହେରା, ସରପଞ୍ଚ, ହରିପୁର***





# କିସ୍ କରିଥିଲେ ଲେଡି ଫ୍ୟାନ୍





**ତାଙ୍କ ସ୍ୱର ଯେମିତି ରୋମାଣ୍ଟିକ୍ ତାଙ୍କ ଲୁକ୍ ବି ସେମିତି ରୋମାଣ୍ଟିକ। ହଜାର ହଜାର ଲେଡି ଫ୍ୟାନ ତାଙ୍କ ପାଇଁ ପାଗଳ। ସେ ଯେବେ 'ତୁ ନୂଆ ଶାୟରି ନା ନୂଆ କବିତା....', 'ତୁ ଚଞ୍ଚଳା ନଈଟେ...' ଗୀତ ଗାଇବା ଆରମ୍ଭ କରନ୍ତି ସମସ୍ତେ ପ୍ରେମର ଦୁନିଆରେ ହଜି ଯାଆନ୍ତି। ସେ ହେଉଛନ୍ତି ହ୍ୟାଣ୍ଡସମ୍ ସିଙ୍ଗର ସ୍ୱୟଂ ପ୍ରଭାସ ପାଢୀ..। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣନ୍ତୁ ତାଙ୍କ ସମ୍ପର୍କରେ କିଛି ...**

**ବିନା ଦୋଷରେ ମାଡ ଖାଉଥିଲି**
ଛୋଟବେଳେ ବେଶି ଦୁଷ୍ଟ ନ ଥିଲି କିନ୍ତୁ କାହିଁକି କେଜାଣି ସମସ୍ତେ ମତେ ଦୁଷ୍ଟ ଭାବୁଥିଲେ। ତେଣୁ ଦୋଷ ନ କରିବି ଅନେକ ଥର ମାଡ ଗାଳି ଖାଇଛି। ଏମିତିକି ଥରେ ବଡ ଭାଇ ବାପାଙ୍କ ପକେଟ୍‌ରୁ ପେନ୍ ଚୋରି କରି ନେଇଥିଲା। ସେ ମିଛ କହିଲା ମୁଁ ନେଇନି। ଆଉ ସମସ୍ତେ ମୁଁ ଚୋରେଇଛି ଭାବି ମାଡ ଦେଲେ।

**ମା' ଚାହୁଁଥିଲେ ମୁଁ ଗାୟକ ହୁଏ:** ୬ ବର୍ଷ ବୟସରୁ ଗୀତ ଶିଖିଛି। ତା'ଛଡା ମୋ ମା'ଙ୍କର ବି ପିଲାଦିନେ ଗୀତ ଶିଖିବାକୁ ବହୁତ ଇଛା ଥିଲା। ହେଲେ ତାଙ୍କ ସମୟରେ ଥିବା ରେଷ୍ଟ୍ରିକ୍ସନ ପାଇଁ ସେ ସୁଯୋଗ ପାଇ ନ ଥିଲେ। ବାହାଘର ପରେ ସେ ତାଙ୍କର ସେଇ ଇଛାକୁ ମୋ ପାଖରେ ପୂରଣ ହେଉ ବୋଲି ଚାହୁଁଥିଲେ। ତେଣୁ ମତେ ସେ ସବୁବେଳେ ଗୀତ ଗାଇବାକୁ ପ୍ରୋତ୍ସାହିତ କରିଆସିଛନ୍ତି।

**ସଫ୍ଟୱେର ଇଞ୍ଜିନିୟରରୁ ଗାୟକ:** ୨୦୧୨ରେ ମୋର ଇଞ୍ଜିନିୟରିଂ ପଢା ସରିଲା। ଆଉ ସେହିବର୍ଷ ଚାକିରି ବି ପାଇଗଲି। ପରେ ଟିସିଏସ୍ ବାଙ୍ଗାଲୋରରେ ଚାକିରି କରୁଥିଲି। ହେଲେ ୨୦୧୫ରେ ମୁଁ ଭୁବନେଶ୍ୱର ଫେରି ଆସିଲି। କାରଣ ମା'ବାପାଙ୍କ ଦେହ ବହୁତ ଖରାପ ଥିଲା। ବଡ଼ ଦୁଇ ଭାଇ ବାହାରେ ରହୁଥିଲେ। ବାପାମା' ଏକା ହେଇଯାଇଥିଲେ। ପୁଅଭାବେ ସେମାନଙ୍କ କଥା ବୁଝିବା ମୋର କର୍ତ୍ତବ୍ୟ ଥିଲା। ତେଣୁ ମୁଁ ଫେରି ଆସିଲି। ସେ ପର୍ଯ୍ୟନ୍ତ ବି ମୁଁ ସିଙ୍ଗର ହେବି ବୋଲି ଭାବି ନ ଥିଲି। ବାପାମା'ଙ୍କ କଥା ବୁଝିବା ସହ ଚାକିରି କରୁଥିଲି। ଆଉ ଗୀତ ପ୍ରତି ଥିବା ଭଲ ପାଇବା ଲାଗି ଗୀତ ଶିଖିବା ଜାରି ରଖିଥିଲି। ହେଲେ ପରେ ଯେତେବେଳେ 'ଭଏସ୍ ଅଫ୍ ଓଡ଼ିଶା' ନାମକ ରିଆଲିଟି ଶୋ' ଆରମ୍ଭ ହେଲା, ଭାବିଲି ଟ୍ରାଏ କରିବି। ସେଥିରେ ଅଂଶ ଗ୍ରହଣ କଲି। ଆଉ ଦ୍ୱିତୀୟ ସ୍ଥାନ ହାସଲ କଲି। ଏହାପରେ ମୁଁ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ କରି କଭର୍ ସଙ୍ଗ ଅପଲୋଡ କରିବା ଆରମ୍ଭ କଲି। ସେତେବେଳେ କଭର୍ ସଙ୍ଗ ପ୍ରସ୍ତୁତ କରିବା ପାଇଁ ମତେ ବହୁତ ପରିଶ୍ରମ କରିବାକୁ ପଡୁଥିଲା। ହେଲେ ପ୍ୟାଶନ୍ ଆଗରେ ସେସବୁ ତୁଚ୍ଛ ହେଇଯାଉଥିଲା। କହିବାକୁ ଗଲେ ସେ ସମୟ ମୋର ଏକ ଲର୍ନିଂ ପିରିୟଡ ଥିଲା। କଭର୍ ସଙ୍ଗଗୁଡିକୁ ମୁଁ ମ୍ୟୁଜିକ୍ ଡାରେକ୍ଟରମାନଙ୍କୁ ସୋସିଆଲ ମିଡିଆ ସାହାଯ୍ୟରେ ପଠାଉଥିଲି। ଏମିତିଭାବେ ହିଁ ଅଭିଜିତ ମଜୁମଦାର ମୋ ଭଏସ୍‌କୁ ପସନ୍ଦ କରି ମତେ ୨୦୧୮ରେ ପ୍ରଥମେ ପ୍ଲେବ୍ୟାକ୍ ସିଙ୍ଗିଙ୍ଗ କରିବାକୁ ସୁଯୋଗ ଦେଲେ। ମୋର ପ୍ରଥମ ଗୀତ ଥିଲା 'ତୁ ନୂଆ ଶାୟରି ନା ନୂଆ କବିତା...'। ବାହାଘରର କିଛିଦିନ ପରେ ମତେ ଏଇ ସୁଯୋଗ ମିଳିଥିଲା। ତେଣୁ ସ୍ତ୍ରୀ ଇପ୍ସିତା ମୋ ପାଇଁ ଲକି ଚାର୍ମ କହିଲେ ଭୁଲ ହେବନି। ଏବେ ଉଭୟ କ୍ୟାରିୟର ଭିତରେ ସମନ୍ୱୟ ରଖି ଆଗେଇବାକୁ ଚେଷ୍ଟା କରୁଛି।



**ଲଭ ଷ୍ଟୋରି:** ଯୁକ୍ତ ୨ ବେଳେ ଆମେ ଏକା ଟ୍ୟୁଶନରେ ପଢୁଥିଲୁ। ସେତେବେଳେ ଆମେ କେବଳ ସାଙ୍ଗ ଥିଲୁ। ଇଞ୍ଜିନିୟରିଂ ୪ର୍ଥ ବର୍ଷ ବେଳକୁ ମୋ ମନରେ ତାଙ୍କ ପ୍ରତି ଭଲ ପାଇବା ଆସିଯାଇଥାଏ। ମୋ ମମିଙ୍କର ଇଚ୍ଛା ଥିଲା ମୁଁ ଯାହାକୁ ବି ବାହା ହୁଏ ସେ ବ୍ରାହ୍ମଣ ହୋଇଥିବା ନିହାତି ଜରୁରୀ। ଇପ୍ସିତା ବି ବ୍ରାହ୍ମଣ ଥିଲେ। ଆଉ ମୁଁ ତାଙ୍କୁ ଭଲଭାବେ ଜାଣିଥିଲି। ମୋ ମା'ଙ୍କର ଯେଉଁଭଳି ବୋହୂ ଦରକାର ଥିଲା ସେସବୁ ଗୁଣ ତାଙ୍କ ପାଖରେ ଥିଲା। ତେଣୁ ସମୟ ସୁଯୋଗ ଦେଖି ନୂଆବର୍ଷ ଦିନ ଫୋନ୍ କରି ପ୍ରପୋଜ କଲି। ଆଉ ସେ ବି ରାଜି ହେଇଯାଇଥିଲେ। ପରେ ଆମ ବାହାଘର ହେଲା।



**ଗିଫ୍ଟ ଓ ସରପ୍ରାଇଜ୍ ଦେବାରେ ମୁଁ ଜିରୋ:** ରୋମାଣ୍ଟିକ ଗୀତ ଗାଉଥିଲେ ହେଁ ଗିଫ୍ଟ ଦେବାରେ ମୁଁ ପୁରା ଜିରୋ। ମୁଁ ଜାଣିପାରେନା ଝିଅଙ୍କୁ କ'ଣ ଗିଫ୍ଟ ଦେଲେ ସେମାନେ ଖୁସି ହେବେ। ସେଥିପାଇଁ ଇପ୍ସିତାଙ୍କୁ ମୁଁ ଟଙ୍କା ଦେଇ ଦିଏ ନିଜ ପସନ୍ଦର କିଛି କିଣିବାକୁ। ସେମିତି ଥରେ ସପ୍ରାଇଜ୍ ଦେବି ଭାବି ମୁଁ ମୋ ସାଙ୍ଗର ଶପିଂ ଆପ୍‌ର ଆକାଉଣ୍ଟରୁ ଏକ ଗିଫ୍ଟ ପଠେଇଥିଲି। ସେଥିରେ ମୋ ମେସେଜ୍ 'ୟୋର୍ ଲଭ' ବୋଲି ବି ଲେଖାଥିଲା। ହେଲେ ଗିଫ୍ଟ ଇପ୍ସିତାଙ୍କ ପାଖରେ ପହଞ୍ଚିଥିଲା ମୋ ସାଙ୍ଗ ନାଁରେ। ତେଣୁ ଇପ୍ସିତା ବୁଝିପାରିଲେନି ସେ କେମିତି ଏଇ ଗିଫ୍ଟ ଓ ମେସେଜ୍ ଦେଲେ। ହେଲେ ପରେ ଜାଣିଲେ ଯେ, ମୁଁ ସେ ଗିଫ୍ଟ ଓ ମେସେଜ୍ ପଠେଇଥିଲି।

**ସୋସିଆଲ ମିଡିଆରେ ଆକ୍ଟିଭ:** ସୋସିଆଲ ମିଡିଆ ସାହାଯ୍ୟରେ ମୁଁ ଆଜି ସିଙ୍ଗରର ପରିଚୟ ପାଇଛି। ତେଣୁ ସୋସିଆଲ ମିଡିଆରେ ଆକ୍ଟିଭ ରହିବାକୁ ମତେ ଭଲଲାଗେ। ଏହା ମାଧ୍ୟମରେ ମୁଁ ଲୋକଙ୍କ ପାଖରେ ସହଜରେ ପହଞ୍ଚି ପାରୁଛି। ତାଙ୍କ ସହ କନେକ୍ଟେଡ ରହିପାରୁଛି। ତେଣୁ ମୋ ମତରେ ସୋସିଆଲ ମିଡିଆକୁ ଠିକ୍ ଭାବେ ବ୍ୟବହାର କରିପାରିଲେ ତାହା ଆଦୌ କ୍ଷତିକାରକ ସାବ୍ୟସ୍ତ ହୁଏ ନାହିଁ। ବରଂ ବରଦାନ ପାଲଟିଯାଏ।

**ଫିଟନେସ୍ ପାଇଁ:** ଫିଟ୍ ରହିବା ପାଇଁ ମୁଁ ଜିମ୍ ଯାଇ ୱାର୍କ ଆଉଟ୍ କରିବା ସହ ଯୋଗ ବି କରେ। ଶିଶୁ ମନ୍ଦିରରେ ଛୋଟବେଳୁ ଯୋଗ କରାଯାଉଥିବାରୁ ସେ ଅଭ୍ୟାସ ମୋର ରହିଯାଇଛି।

**ବଲିଉଡରେ ଗାଇବାର ଇଛା:** ବଲିଉଡ୍‌ରେ ଗାଇବାକୁ କିଏ ବା ନ ଚାହିଁବ। ହେଲେ ଏଥିପାଇଁ ଓଡିଶାକୁ ଛାଡି ସେଠି ରହି ଟ୍ରାଏ କରିପାରିବି ନାହିଁ। ତେଣୁ ମୁଁ ସୋସିଆଲ ମିଡିଆର ସାହଯ୍ୟ ନେଉଛି। ମୋର ମ୍ୟୁଜିକ୍ ଭିଡିଓ, ଗୀତକୁ ବଲିଉଡ୍‌ର ମ୍ୟୁଜିକ ଡାଇରେକ୍ଟରମାନଙ୍କୁ ପଠାଉଛି। ଯଦି ଭାଗ୍ୟରେ ଥିବ ଆଉ ସେମାନେ ମତେ ପସନ୍ଦ କରି ସୁଯୋଗ ଦେବେ ମୁଁ ନିଶ୍ଚୟ ଗାଇବି। ଖାଲି ବଲିଉଡ କାହିଁକି, ଟଲିଉଡ୍‌ରେ ବି ଗାଇବାର ଇଛା ଅଛି।

**କିସ୍ କରିଥିଲେ କ୍ରେଜି ଫ୍ୟାନ:** ସୋସିଆଲ ମିଡିଆରେ ମୋର ବହୁତ ଲେଡି ଫ୍ୟାନ୍ ଅଛନ୍ତି। ହେଲେ ସେମାନେ ମତେ ଏତେ ଭଲ ପାଆନ୍ତି ବୋଲି ମୁଁ ଜାଣି ନ ଥିଲି। ଥରେ ଏକ ଶୋ'ରେ ଜଣେ ଝିଅ ଫ୍ୟାନ୍ ବ୍ୟାକ୍ ଷ୍ଟେଜ୍‌କୁ ଆସି ମୋ ଗାଲ୍‌ରେ କିସ୍ କରିଦେଇଥିଲେ। ହଠାତ୍ ଏସବୁ କ'ଣ ହେଲା ମୁଁ ଜାଣି ପାରି ନ ଥିଲି।

**ପ୍ରିୟଖାଦ୍ୟ:** ମାଣ୍ଡିଆ ମତେ ବହୁତ ଭଲ ଲାଗେ। ସବୁଦିନ ସକାଳେ ମୁଁ ଏହାକୁ ଖାଏ। ମା'ଙ୍କ ହାତ ରନ୍ଧା କାଞ୍ଜି ବି ମୋର ଭାରି ପ୍ରିୟ। ମୋ ପାଇଁ କାଞ୍ଜି ହେଉଛି ଦେଶୀ ସୁପ୍।



**ବୁଲାବୁଲି ପସନ୍ଦ:** ବୁଲାବୁଲି କରିବା ମତ ଭଲ ଲାଗେ। ତେଣୁ ବର୍ଷରେ ଥରେ ଯେମିତି ହେଉ ଏକ ଫରେନ୍ ଟ୍ରିପ କରିବାକୁ ଚେଷ୍ଟା କରେ।

**ହିରୋ ହେବାର ଇଛା ନାହିଁ:** ହିରୋ ଭାବେ ଅଭିନୟ କରିବାକୁ ମୋର ଆଦୌ ଇଛା ନାହିଁ। ହେଲେ ମୁଁ ମୋ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିବାକୁ ବେଶି ପସନ୍ଦ କରେ।

–ଶିବାନୀ ମହାନ୍ତି



# 'ତଥାପି ମୋ ଗାଁ ହସୁଛି'






"ଫୁଲଟିଏ ନାହିଁ, ଗ୍ରାମଦେବତୀ ମୋ ଫୁଲବିନା ପୂଜା ପାଉଛି। ନେତାଙ୍କ ଉପରେ ସଜଫୁଟା ଫୁଲ କେତେ ଯେ ଅଜଡ଼ା ହେଉଛି। ଆଉ ସେବକ ଆମର କହିକି, ଯିଏ ସେ ଶୋଷଣ ଆମକୁ କରୁଛି, ମୋ ଗାଁ ପୁଅ ଶାସକ ହେଇକି ମୋରି ମା'କୁ ଶୋଷୁଛି। ତଥାପି ମୋ ଗାଁ ହସୁଛି..."

ଏମିତି ଅନେକ କବିତା ତାଙ୍କ କଲମ ମୁନରେ ଫୁଟିଉଠେ। ଯେମିତିକି ଗାଁ, ମା'ମାଟିର କଥା କହେ ତାଙ୍କ କବିତା । ହଜିଯାଉଥିବା ଗାଁର ମହକକୁ ବାସ୍ନାମୟ କରାନ୍ତି ସେ ତାଙ୍କ କଥା କବିତାରେ। ଏମିତି ସୃଜନଶୀଳତାର ଭିଡ଼ଭିତରୁ ବାରିହୋଇ ପଡୁଥିବା ସେ ଜଣେ ଭିନ୍ନ ମଣିଷ । ସେ ଏକାଧାରରେ ଜଣେ ଗୀତିକାର, କବି, ଲେଖକ ଭାବେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ପେସା ତାଙ୍କର ଚିକିତ୍ସା କିନ୍ତୁ ନିଶା ସାହିତ୍ୟ ସାଧନା। ସେ ହେଲେ ଡାକ୍ତର ଶୁଭ ଦାଶ। ଘର ଜଗତ୍‌ସିଂହପୁର ଜିଲା ମଇନ୍ଦିପୁର ଗ୍ରାମରେ। ପିତା ବିଭୂତି ଭୂଷଣ ଦାଶ ଓ ମାତା କବିତା ଦାଶ। ସେ କୁହନ୍ତି, 'ମୋ ସ୍କୁଲ ଜୀବନରୁ ହିଁ ମୁଁ ଲେଖାଲେଖି ଆରମ୍ଭ କରିଛି। କଲେଜ ପଢ଼ା ବୟସରେ ମଧ୍ୟ ନାନା ପ୍ରକାର ଚଳନ୍ତି ଘଟଣାର ସମସ୍ୟାକୁ ନେଇ କିଛିକିଛି କବିତା ଲେଖୁଥିଲି। ତେବେ ସାମାଜିକ ଗଣମାଧ୍ୟମରେ





ମୋର କେତୋଟି କବିତା ବେଶ୍ ଲୋକପ୍ରିୟ ହୋଇପାରିଛି। କାରଣ ଆଜିକାଲି ସମାଜର ପ୍ରାୟ ସବୁ କ୍ଷେତ୍ରରେ ଦୁର୍ନୀତି ବଢି ବଢି ଚାଲିଛି। ଯାହା ସମାଜ ଉପରେ ବହୁତ ଖରାପ ପ୍ରଭାବ ପକାଇବା ସହ ପ୍ରକାରନ୍ତରେ ବ୍ୟକ୍ତିବିଶେଷଙ୍କୁ ବହୁତ ପ୍ରଭାବିତ କରୁଛି। ତେଣୁ ସୁସ୍ଥ ସମାଜ ଲାଗି ସକାରାତ୍ମକ ଚିନ୍ତନ ଓ କାର୍ଯ୍ୟର ଆବଶ୍ୟକତା ରହିଛି। ଯେଉଁଥିପାଇଁ ମୁଁ ଚିନ୍ତା କଲି କ'ଣ କରି ସମାଜର କିଛି ପରିବର୍ତ୍ତନ କରିପାରିବି। ତା'ପରେ ମୋର ଆରମ୍ଭ ହେଲା ବିଭିନ୍ନ ପ୍ରସଙ୍ଗକୁ ନେଇ ସଚେତନଧର୍ମୀ କବିତା ଲେଖିବା। ମୁଁ ଭାବେ ଔଷଧରେ ରୋଗକୁ ଏବଂ କବିତାରେ ମନକୁ ସୁସ୍ଥ ରଖାଯାଇପାରେ। ପିଲାଟିଦିନୁ ଗାଁ ପରିବେଶରେ ବଢ଼ିଛି । ତା'ର ମାଟି, ପାଣିପବନ ମତେ କବିତା ଲେଖିବାକୁ ଆହ୍ୱାନ ଦେଇଛି। ପ୍ରଥମେ ନିଜ ଅନୁଭୂତିରେ ଗାଁ ପରିସ୍ଥିତିକୁ ନେଇ ଏକ କବିତା –'ତଥାପି ମୋ ଗାଁ ହସୁଛି' ଲେଖିଥିଲି। ଏହା ସାମାଜିକ ଗଣମାଧ୍ୟମରେ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀର ସାଧାରଣ ଲୋକଙ୍କ ପାଖରେ ଖୁବ୍ ଆଦୃତ ହେବା ସହ ଓ ପ୍ରଶଂସା ସାଉଁଟିଲା। ଏଥିଯୋଗୁ ମୋ ମନରେ ଉତ୍ସାହ ସୃଷ୍ଟି ହୋଇଥିଲା। ତା'ପରେ ମୁଁ ଲେଖିଲି 'ଚାଲ ଭାଇ ଆମେ ଗରିବ ହେବା', 'ପାଞ୍ଚଟଙ୍କିଆ ଆହାର କେନ୍ଦ୍ର', 'ମୁଁ ନୁହେଁ ସ୍ୱାଧୀନ', 'ଗାଣିତିକ ପ୍ରେମ', 'ମୁଁ ଯାକୁ ହିଁ ବିରୋଧ କରୁଛି' ପରି ଅନେକ କବିତା, ଯାହାକୁ ନେଇ ଏକ ପୁସ୍ତକ ସଙ୍କଳନ ବି କରିଛି।

ବୃତ୍ତି ପାଇଁ ବିଏଏମ୍ଏସ୍ ପାଠ ପଢି ସାରିବା ପରେ ଏବେ ମଣ୍ଡାସାହି ଚିକିତ୍ସାଳୟରେ ଚିକିତ୍ସକ ଭାବେ କାର୍ଯ୍ୟ କରୁଛି। ଏହାଛଡା କେତେଟି ଘରୋଇ ଟିଭି ଚ୍ୟାନେଲରେ 'ଘରବଇଦ' ପରି ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାରେ ଆମ ହାତ ପାଖରେ ମିଳୁଥିବା ବୃକ୍ଷଲତାକୁ ବ୍ୟବହାର କରି କେମିତି କମ୍ ଖର୍ଚ୍ଚରେ ରୋଗରୁ ଉପଶମ ମିଳିପାରିବ ସେ କଥା ଲୋକଙ୍କୁ ଜଣାଇଥାଏ। ପୁଣି ଓଡ଼ିଆ ଫିଲ୍ମ ଓ ଆଲବମ୍ ପାଇଁ ମଧ୍ୟ ଗୀତ ରଚନା କରିଛି। ଯାହାମଧ୍ୟରେ 'ମୁଁ ତୁମର', 'ତୁ ଯା ଚାଲିଯା', 'ଆଲୋ ପାଗେଳି ଗଲୁ ବଦଳି', 'ମୁଁ ଭିଜୁଛି ମୋ ଲୁହରେ', 'ହଁ ମୁଁ ତୋ ପ୍ରେମରେ ପଡ଼ିଗଲି' ଆଦି ଗୀତ ଶ୍ରୋତାଙ୍କ ମନକୁ ଛୁଇଁପାରିଛି। ଏହା ଛଡ଼ା ଗାଁରେ ଏକ ଜନାର୍ଦ୍ଦନ ଶିଶୁ ଉଦ୍ୟାନ ଓ ପାଠାଗାର ସୃଷ୍ଟି କରିଛି। ପ୍ରତିଦିନ ଦିନ ୩ଟାରୁ ସନ୍ଧ୍ୟା ୭ଟା ଯାଏ ଏହା ଖୋଲାରହିଥାଏ। ଏଥିପାଇଁ ଆବଶ୍ୟକ ଅର୍ଥକୁ ନିଜ ପକେଟ୍ ମନିରୁ ବ୍ୟୟ କରିଥାଏ। ଏହାଦ୍ୱାରା ଗାଁର ଶିଶୁ ଓ ଯୁବ ପିଢ଼ି ବିଶେଷ ଭାବରେ ଉପକୃତ ହେବାସହ ଭଲ କାମ କରିବା ପାଇଁ ପ୍ରେରଣା ମଧ୍ୟ ପାଉଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା ମୋ କଥାରେ ଗାଁ ପିଲାମାନେ ଏକଜୁଟ ହୋଇ ବିଭିନ୍ନ ଜନହିତକର କାର୍ଯ୍ୟ କରିବାପାଇଁ ଆଗଭର ହୋଇଥାନ୍ତି। ପିଲାମାନଙ୍କୁ ଏକାଠି କରି ଗାଁର ରଜ ପର୍ବକୁ ଖୁବ୍ ଧୁମ୍‌ଧାମରେ ପାଳନ କରିଥାଉ। ଏହିସବୁ ସାମାଜିକ କାର୍ଯ୍ୟ ଓ ସାହିତ୍ୟ ସାଧନା ପାଇଁ ମତେ 'ଯୁବ ପ୍ରେରଣା ସମ୍ମାନ', 'ଆଦର୍ଶକବି ସମ୍ମାନ','ଲୋକନାଥ ସ୍ମୃତି ସମ୍ମାନ', 'ସେବାରତ୍ନ ସମ୍ମାନ', 'ସାହିତ୍ୟପ୍ରତିଭା ସମ୍ମାନ' ଆଦି ଏକାଧିକ ସମ୍ମାନ ଓ ପୁରସ୍କାର ମିଳିଛି।

ମୋ ମତରେ ଦୁନିଆରୁ ଯଦି ନେଇଯିବୁ କିଛି ରହିବୁ ଅମିର ହୋଇ, ଦୁନିଆକୁ ଯଦି ଦେଇ ଯିବୁ କିଛି ରହିବୁ ଅମର ହୋଇ। ଅମର ହେବୁ ନା ଅମିର ହେବୁ ନିଷ୍ପତି ତୋର।–**ବନବିହାରୀ**











## ପାଞ୍ଚୋଟି ଏକପଦୀ

–ଭରତ ଚନ୍ଦ୍ର ଦାଶ

ମୁଁ ଜାଣେନି ତୁମେ ମୋ ମନ ମନ୍ଦିରେ
ଦିଅଁ ହୋଇ ପୂଜା ପାଅ
ଅବଚେତନରେ ତୁମେ ମୋ ମନରେ
ଚେତନା ପରଶ ଦିଅ ।

**ଦୁଇ**

ଶ୍ରୀତନୁ ପରଶ ଦୂର କରେ କ୍ଲେଶ
ସୃଜନ ସ୍ଫୁଲିଙ୍ଗ ପ୍ରାଣେ
ପୁରୁଷର ବିନା ପ୍ରକୃତି ଅଲୋଡା
ପ୍ରଣୟ ପ୍ରୀତିର ତାନେ ।

**ତିନି**

ମୋ ଜୀବନେ ପ୍ରୀତି ସୃଜନର କୃତି
କାଳରେ ଅକ୍ଷୟ ସ୍ମୃତି
ତନୁ ଲତା ଡାଳେ ମଧୁମୟ ଫଳେ
ଶୋଭାପାଏ ଚାରୁ କୀର୍ତ୍ତି ।

**ଚାରି**

ତନୁ ଲତା ତୁମ ପ୍ରୀତି ଅନୁପମ
ଛଇଳ ଚପଳ ନଈ
ରତ୍ନ ପୂର୍ଣ୍ଣଗର୍ଭା ଦିବ୍ୟ ରୂପ ଶୋଭା
ସ୍ନିଗ୍ଧ ମଧୁର ଛାଇ ।

**ପାଞ୍ଚ**

ରାଜପଥପରେ ଚାଲି ଚାଲି ଗଲେ
ପଡେ ମୋ ପ୍ରିୟାର ଗାଆଁ
ଭାବ ଢଳ ଢଳ ପ୍ରୀତିର କମଳ
ପ୍ରୀତିପ୍ରଭା ତା'ର ନାଆଁ ।

*ମାର୍କୋଣା, ବାଲେଶ୍ୱର– ୭୫୬୧୨୬*
*ମୋ: ୯୪୩୭୩୭୨୧୬୬*

## ଆସନ୍ତାକାଲି

– ପବିତ୍ର ବ୍ରହ୍ମପୁତ୍ର ନାୟକ

ଫୁଲମାନେ
ଫୁଟିଲେ
ଆଉ ଝଡ଼ିଗଲେ
କାହାର କ'ଣ ଗଲା ।

ରାତି ଆସିଲା
ଚାଲିଗଲା
ଅନ୍ଧ ଭିକାରୀର କ'ଣ ଗଲା ।

ଭଙ୍ଗା ଟ୍ରକ ଡାଲାରେ
ଗଛଟିଏ
ସୁସ୍ଥ ସବଳ ହେଇ ଉଠୁଥିଲା,
ନଜର ନଥିଲା କା'ର ସେଠିକି,
ଗଛଟିର କିନ୍ତୁ ଅପେକ୍ଷା ଥିଲା
ଆସନ୍ତାକାଲିର ସୂର୍ଯ୍ୟୋଦୟକୁ ।

*–ରାଜନଗର, କେନ୍ଦ୍ରାପଡା– ୭୫୪୨୨୫*
*ମୋ: ୯୪୩୭୬୧୩୪୩୮*

ଦୁଇଟି ମିନି ଗଳ୍ପ

## ପୁଅ ଜନ୍ମ

– ଓଁ ଅଭିଜ୍ଞାନ ସାହୁ

ଲାଗ ଲାଗ ଦୁଇ ଝିଅ ଜନ୍ମ ପରେ ଗର୍ଭବତୀ ବୋହୁକୁ ଶାଶୁ ନିତି ଧମକ ଦିଅନ୍ତି ଏଥର ଯଦି ପୁଣି ଝିଅ ହେଲା ତେବେ ପୁଅକୁ ଆଉଥରେ ବାହା ଦେବେ ।
ଦୁର୍ଭାଗ୍ୟକୁ ଏଥର ବି ଡାକ୍ତରଖାନାରେ ଝିଅ ଜନ୍ମ କରେ ବୋହୁ । ଶାଶୁ ରୋକ୍‌ଠୋକ୍ ଶୁଣେଇଦେଲେ, ଖବରଦାର୍ ମୋ' ଏରୁଣ୍ଡି ବନ୍ଧ ଡେଇଁବୁନି । ପିଲାକୁ ନେଇ ସିଧା ବାପ ଘରକୁ ଯାଆ । ତିନିତିନିଟା ଝିଅର ବୋଝ ସମ୍ଭାଳି ପାରିବିନି । ଯୋଗକୁ ସେହିଦିନ ଗୁହାଳରେ ବନ୍ଧା ଗାଈ ଗୋଟେ ଅଣ୍ଡିରା ଛୁଆ ଜନ୍ମ କଲା । ଶାଶୁ ମୁଣ୍ଡରେ ହାତଦେଇ ବସିଗଲେ । ଏତେ ଏତେ ଟଙ୍କାର ଦାନା ଠିଆ ଗିଳି ଯାଉଥିବା ବଦମାସ ଗାଈ ଦାଉ ସାଧିଲା ଭଳି ଅଣ୍ଡିରା ଛୁଆଟେ ଜନ୍ମ କରିଛି । ଦଇବ ଚଡକକୁ ମଣିଷ ଦାଉ । ଚିଡୁଥିଲେ ଶାଶୁ ।

## ପ୍ରତିକ୍ରିୟା

ଆସନ୍ନ ପ୍ରସବା ମାଆ ପ୍ରଥମ ସନ୍ତାନ ଝିଅକୁ ପଚାରିଲେ, କେମିତିକା ଭାଇଟିଏ ଦରକାର ମାଆ ? ଝିଅ କହିଲା, ମୋତେ ରାବଣ ଭଳି ଭାଇଟିଏ ଦରକାର । ଏହା ଶୁଣି ମାଆ ସ୍ତବ୍ଧ । କିଛି ଦିନ ତଳେ ରାବଣପୋଡି ଦେଖିବାକୁ ଯାଇଥିଲା । ରାବଣକୁ ଲୋକେ ପୋଡ଼ି ପକେଇବା ସେ ସହିପାରି ନଥିଲା । ଚୁପ୍‌ଚାପ୍ ରହୁଥିଲା । ସେହି ଦିନଠୁଁ ରାମାୟଣ ବିଷୟରେ ବେଶି ବେଶି ପଢୁଛି, ଜାଣିବାକୁ ଚାହୁଁଛି । ଦୁଷ୍ଟ, ଦୁରାତ୍ମା, ପାପୀ ଲୋକଟିକୁ ଭାଇ କରିବାକୁ ଝିଅର ଆଗ୍ରହ କାହିଁକି ବୋଲି ବିରକ୍ତ ହୋଇ ମାଆ ପଚାରିଲେ । ଯେଉଁ ଭାଇ ତା' ଭଉଣୀର ଅପମାନ ପାଇଁ ସ୍ୱୟଂ ଭଗବାନଙ୍କ ସହ ଲଢ଼େଇ କରିପାରେ ଦୁନିଆରେ ସେହି ଭଳି ଭାଇ ଥିଲେ ଭଉଣୀଟେ କେତେ ଭଲରେ ରହିବ କୁହ ନା ଦେଖି, ଝିଅ କହିଲା । ମାଆ ପୁଣି ଥରେ ଚମକିଲେ ଝିଅର ଉତ୍ତର ଶୁଣି ।

*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ:୯୪୩୭୦୧୦୭୫୮*







(ବାମରୁ)ମଣ୍ଟୁ-ରାଜୀବ

# ପୋଲିସ ଅଫିସର

ଶୁଭାଷିଶ ଶର୍ମା ଓରଫ ମଣ୍ଟୁ ଖୁବ୍ ଶୀଘ୍ର ନୂଆ ଅବତାରରେ ଦର୍ଶକଙ୍କ ସାମନାକୁ ଆସିବେ। ପୂର୍ବରୁ ରୋମାଣ୍ଟିକ ଏବଂ ଇମୋଶନାଲ ରୋଲ୍‌ରେ ନିଜ ଦକ୍ଷତା ଦେଖାଇସାରିଥିବା ଏହି ଅଭିନେତା ବର୍ତ୍ତମାନ ଏକ ଫିଲ୍ମରେ ପୋଲିସ ଭୂମିକାରେ ଅଭିନୟ କରୁଛନ୍ତି। ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଉକ୍ତ ଚିତ୍ରର ଟାଇଟଲ ରହିଛି 'ପୋଲିସ ବାବୁ'। ଫିଲ୍ମଟିର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶୈଳେନ୍ଦ୍ର ପରିଡା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ମଣ୍ଟୁ। ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଶାୟଲ। ଏମାନଙ୍କ ବ୍ୟତୀତ ଭୂପତି ତ୍ରିପାଠୀ, କେକେ, ରାଜୀବ ମହାନ୍ତି, ପିଣ୍ଟୁ ନନ୍ଦଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏହାପୂର୍ବରୁ ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଫିଲ୍ମଗୁଡିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ସୂଚନାଯୋଗ୍ୟ ଏହି ଚ୍ୟାନେଲରେ ଚଳିତ ମାସ ୨୦ ଅର୍ଥାତ୍ ରବିବାର ଦିନ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା'। ହିମାଂଶୁ ପରିଜା (ଚଣ୍ଡୀ)ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସ୍ୱରାଜ-ଶିବାନୀ ଯୋଡିକୁ ଦେଖିବାକୁ ମିଳିବ।



ଜୁନିୟର ଏନଟିଆର-ରାମ ଚରଣ

# ରାଜମୌଳିଙ୍କ ପ୍ରଶଂସାରେ ରାମ ଚରଣ

ରାମ ଚରଣ ହୁଅନ୍ତୁ ଅବା ଜୁନିୟର ଏନଟିଆର-ଆକ୍ଟିଂରେ କେହି କାହାକୁ କମ୍ ନୁହଁନ୍ତି। ଚଳିତ ବର୍ଷର ବ୍ଲକ ବଷ୍ଟର ଫିଲ୍ମ 'ଆରଆରଆର'ରେ ଏହି ଯୋଡି କି କମାଲ କରିଥିଲେ ତାହା କହିବା ଅନାବଶ୍ୟକ। ବିଶେଷଭାବରେ ଏଥିରେ ଦୁହିଁଙ୍କର ଏକାଠି ଡ୍ୟାନ୍ସ ଯୁବପିଢ଼ୀଙ୍କୁ ବେଶ୍ ଏଣ୍ଟରଟେନ୍ କରିଥିଲା। ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜନେସ କରିବା ପରେ ଏହାର ନିର୍ଦ୍ଦେଶକ ଏସ.ଏସ.ରାଜମୌଳି ବର୍ତ୍ତମାନ ଏହାର ସିକୁଏଲ୍ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। ଏକଥା ଜାଣିବା ପରେ ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ଦକ୍ଷିଣ ଭାରତୀୟ ସିନେମା ଇଣ୍ଡଷ୍ଟ୍ରିର ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ ଚରଣ। ଖାସ୍ କଥା ହେଲା, 'ଆରଆରଆର'ର ସିକୁଏଲ୍‌ରେ ରାମ ଚରଣ ଏବଂ ଜୁନିୟର ଏନଟିଆର ଯୋଡିକୁ ନିର୍ଦ୍ଦେଶକ ରିପିଟ୍ କରିବାକୁ ମନସ୍ଥ କରିଛନ୍ତି। ଏ ନେଇ ରାମ ଚରଣ କହନ୍ତି, 'ରାଜମୌଳିଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ କ୍ୟାମ୍ପରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। 'ଆରଆରଆର'ର ଯେତେବେଳେ ଶୁଟିଂ ହେଉଥିଲା ଏବଂ ଏଭଳି କାହାଣୀକୁ ନିର୍ଦ୍ଦେଶକ ଠିକ୍ ଭାବରେ ଉପସ୍ଥାପନା କରିବାକୁ ଲାଗି ପଡିଥିଲେ ସେ ନେଇ ତାଙ୍କୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ। ଆମେ ପରିଶ୍ରମ କରିଛୁ- ଏକଥା ସତ, ହେଲେ ନିର୍ଦ୍ଦେଶକଙ୍କ ଭୂମିକା ବି ଢେର ଥିଲା।' ଏହି ଫିଲ୍ମଟିକୁ ଓସ୍କାର ପୁରସ୍କାରର କେତେକ କ୍ୟାଟାଗୋରିରେ ଅର୍ନ୍ତଭୁକ୍ତ କରାଯାଇଛି। ବର୍ତ୍ତମାନ 'ଆରଆରଆର-୨'ର କାହାଣୀ ବିଷୟରେ ଆଲୋଚନା ଚାଲିଛି ଏବଂ ଖୁବ୍ ଶୀଘ୍ର ଏହାକୁ ଚୁଡାନ୍ତ ରୂପରେଖ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜମୌଳି।



କଙ୍ଗନା

# ଡ୍ୟାନ୍ସ ପ୍ରାକ୍ଟିସ ଅନ୍ତରାଳେ...

କଙ୍ଗନା ରାଣାଓ୍ୱତ ଏବେ ଡ୍ୟାନ୍ସ ପ୍ରାକ୍ଟିସ କରୁଛନ୍ତି। ସକାଳୁ ଉଠି ନିତ୍ୟକର୍ମ ଶେଷ କରିବା ପରେ ସେ ଯାଇ ପହଞ୍ଚି ଯାଉଛନ୍ତି କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କର ଡ୍ୟାନ୍ସ ସ୍କୁଲରେ। ସେଠାରେ ବେଶ୍ କିଛି ସମୟ ଡ୍ୟାନ୍ସ ପ୍ରାକ୍ଟିସ କରୁଛନ୍ତି। ସେ ନିଜର ଏହି ଡ୍ୟାନ୍ସ ଭିଡିଓକୁ ତାଙ୍କର ସୋସିଆଲ ସାଇଟ୍‌ରେ ଅପଲୋଡ୍ କରିବା ପରେ ସେଗୁଡିକ ବେଶ୍ ଭାଇରାଲ ହୋଇଛି। ଏ ନେଇ କଙ୍ଗନା କହନ୍ତି, 'ଏବେ ମୁଁ କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସ ସ୍କୁଲକୁ ଯାଉଛି। ସେଠାରେ କିଛି ସମୟ ଡ୍ୟାନ୍ସ ପ୍ରାକ୍ଟିସ କରୁଛି। ଏହାପଛରେ ଅବଶ୍ୟ ସେପରି କିଛି କାରଣ ନାହିଁ। ତଥାପି ଡ୍ୟାନ୍ସ କରିବା ଦ୍ୱାରା ଫିଟ୍‌ନେସ୍ ଠିକ୍ ରହିଥାଏ। ଏବେ ମୁଁ ମୋ କ୍ୟାରିୟର ପ୍ରତି ଟିକେ ସଚେତନ ରହିଛି। କାରଣ 'ଧାକଡ୍' ଫ୍ଲପ୍ ହେବା ପରେ ମୁଁ ଟିକେ ଅପସେଟ୍ ଅଛି। ତଥାପି ଆହୁରି ଦୁଇଟି ଭଲ ସିନେମା ଆଗକୁ ରିଲିଜ ହେବାର ଅଛି, ଯାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି।' ରିଲିଜ ଅପେକ୍ଷାରେ ଥିବା 'ତେଜସ୍'ରେ କଙ୍ଗନା ଜଣେ ଆଇଏଏଫ ଫାଇଟର ପାଇଲଟ୍ ଭୂମିକାରେ ଅଭିନୟ କରୁଛନ୍ତି। ତା'ସହ ନିର୍ମାଣାଧୀନ 'ଇମରଜେନ୍ସି'ରେ ତାଙ୍କୁ ଇନ୍ଦିରା ଗାନ୍ଧୀ ରୋଲ୍‌ରେ ଦେଖିବାକୁ ମିଳିବ।

# ଏଥର ଡିଜିଟାଲ ଡେବ୍ୟୁ

ମଲାଇକା ଆରୋରା ଖୁବ୍ ଶୀଘ୍ର ଡିଜିଟାଲ ଦୁନିଆରେ ପାଦ ଦେବାକୁ ଯାଉଛନ୍ତି। ଏ ନେଇ ସେ ଗତ କିଛି ମାସ ହେଲା ଚିନ୍ତା କରି ଆସୁଥିଲେ। ଶେଷରେ ଓଟିଟି ପ୍ଲାଟଫର୍ମରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସେ ସ୍ଥିର କରିଛନ୍ତି। ଏପରି କି ଏ ନେଇ ସେ ଶୁଭଦିନ ମଧ୍ୟ ଧାର୍ଯ୍ୟ କରିଛନ୍ତି। ଆସନ୍ତା ମାସ ୫ ତାରିଖରେ ସେ ନିଜର ଡିଜିଟାଲ କ୍ୟାରିୟର ଆରମ୍ଭ କରିବେ। ଏ ନେଇ ମଲାଇକା କହନ୍ତି, 'ବର୍ତ୍ତମାନ ଓଟିଟି ପ୍ଲାଟଫର୍ମର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦର୍ଶକଙ୍କ ସହ ଯୋଡି ହୋଇ ରହିବାର ଏହା ଆଉ ଏକ ସହଜ ମାଧ୍ୟମ। ଏହାର ଭ୍ୟୁୟର ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ପୂର୍ବରୁ ବି ମୋତେ ଏ ନେଇ ଅଫର ମିଳିଥିଲା। ହେଲେ ସେତେବେଳେ ଏ ନେଇ ମୁଁ ଗଭୀର ଭାବରେ ଚିନ୍ତା କରି ନ ଥିଲି। କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦେଖି ମୁଁ ହୃଦୟଙ୍ଗମ କଲି ଯେ ଡିଜିଟାଲ ଦୁନିଆରେ ପାଦ ରଖିଲେ କୌଣସି କ୍ଷତି ନାହିଁ। ତେଣୁ ଏ ନେଇ ମୁଁ ମାଇଣ୍ଡ ମେକ୍‌ଅପ୍ କରିସାରିଛି।' ତେବେ ଡିଜିଟାଲ ମିଡିଆ କ୍ଷେତ୍ରରେ ମଲାଇକା କି କମାଲ କରୁଛନ୍ତି ତାହା ସେ ଏଣ୍ଟ୍ରି କରିବା ପରେ ହିଁ ଜଣାପଡିବ।



ମଲାଇକା

# କଥା ୧୫ ବର୍ଷର

ଦୀପିକା ପାଦୁକୋନ ନିକଟରେ ବଲିଉଡ୍‌ରେ ୧୫ ବର୍ଷ ପୂରଣ କରିଛନ୍ତି। ଏହି ସମୟର ସ୍ମୃତିକୁ ସେ ରୋମନ୍ଥନ କରିବା ସହ ନିଜ ସାଙ୍ଗମାନଙ୍କ ସହ ସେୟାର କରୁଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କୁ ଯେଉଁ ନେମ୍-ଫେମ୍ ମିଳିଛି ତାହାର ସମସ୍ତ ଶ୍ରେୟ ଦର୍ଶକଙ୍କୁ ଯିବ ବୋଲି ଦୀପିକା କହିଛନ୍ତି । ନିଜ କ୍ୟାରିୟର ବିଷୟରେ ସେ କହନ୍ତି, 'ମୋର ପ୍ରଥମ ସିନେମା 'ଓମ୍ ଶାନ୍ତି ଓମ୍' ସହ ପରବର୍ତ୍ତୀ ସମୟରେ କରିଥିବା 'ଚେନ୍ନାଇ ଏକ୍ସପ୍ରେସ' ମୋତେ ଅଧିକ ପରିଚିତି ଦେଇଥିଲା। ଏହି ଦୁଇଟି ଫିଲ୍ମର ନାୟକ ଥିଲେ ଶାହରୁଖ। ଆକ୍ଟିଂକୁ ନେଇ ସେତେବେଳେ ସେ ମୋତେ ଯେଉଁ ଟିପ୍ସ ଦେଇଥିଲେ ତାହା ମୋ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଛି। ମୋର ୧୫ ବର୍ଷର ବଲିଉଡ୍ କ୍ୟାରିୟର ଭିତରେ ମୁଁ ଅନେକ ଉତ୍‌ଥାନ ପତନ ଦେଖିଛି। କେତେକ ସିନେମା ମୋର ଫ୍ଲପ୍ ବି ହୋଇଛି, ହେଲେ ମୁଁ ଭାଙ୍ଗି ପଡିନାହିଁ। କାରଣ ପ୍ରତ୍ୟେକ ଭୁଲ୍‌ରୁ ମୁଁ କିଛି ଶିଖିଥାଏ। ମୋର ସଫଳତାର ସମସ୍ତ ଶ୍ରେୟ ଦର୍ଶକଙ୍କୁ ହିଁ ଦେବି।' 'ଗେହରାଇୟାଁ'ରେ ଦୀପିକାଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଯେଉଁ ଫିଲ୍ମକୁ ନେଇ ସେ ଅଧିକ ଆଶା ରଖିଛନ୍ତି ତାହା ହେଲା 'ପଠାନ୍'। ପୁଣି ଏପରି ସଂଯୋଗରେ ଏହି ଫିଲ୍ମରେ ମଧ୍ୟ ସେ ଶାହରୁଖଙ୍କ ନାୟିକା ସାଜିଛନ୍ତି। ଏହି ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୫ରେ ପରଦା ଉପରକୁ ଆସିବ।



ଦୀପିକା

# ସବୁ ମା'ଙ୍କ ପାଇଁ

କ୍ରିତି ସାନନ୍ ଆଜି ଯେଉଁ ସ୍ଥାନରେ ପହଞ୍ଚି ପାରିଛନ୍ତି ଏହା ପଛରେ ଜଣଙ୍କର ଅବଦାନ ରହିଛି। ନିକଟରେ ସେ ଏ ନେଇ ସୂଚନା ଦେଇଥିଲେ। ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ସେ ନିଜ ଜୀବନ ଏବଂ ଅଭିନୟ ବିଷୟରେ କହିବାକୁ ଭୁଲି ନ ଥିଲେ। ପୁଣି ଏହି ସମୟରେ ସେ ଏମିତି ଭାବୁକ ହୋଇଯାଇଥିଲେ ଯେ, ନିଜ ଆଖିର ଲୁହକୁ ରୋକି ପାରି ନ ଥିଲେ। ଏ ନେଇ କ୍ରିତି କହନ୍ତି, 'ସତ କହିବାକୁ ଗଲେ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି ସେଥିପାଇଁ ମୋ ମା' (ଗୀତା ସାନନ)ଙ୍କ ଅବଦାନକୁ କଦାପି ଭୁଲି ପାରିବି ନାହିଁ। ସେ ମୋ ପଛରେ ସବୁବେଳେ ଛାଇ ଭଳି ଠିଆ ହୋଇଥାଆନ୍ତି। ତାଙ୍କର ପ୍ରତିଟି କଥାକୁ ମୁଁ ପାଳନ କରିଥାଏ। ଏପରିକି କିଛି ଅସୁବିଧା ହେଲେ ତାଙ୍କର ପରାମର୍ଶ ନେଇଥାଏ। ମୋ ଜୀବନରେ ତାଙ୍କର ଭୂମିକା କେତେ ରହିଛି ତାହାକୁ ବର୍ଣ୍ଣନା କରିପାରିବି ନାହିଁ।' କ୍ରିତିଙ୍କ ଅଭିନୀତ 'ଭେଡିୟାଁ' ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି। ତାଙ୍କ ହାତରେ ଥିବା ଅନ୍ୟ ଫିଲ୍ମଗୁଡିକ ହେଉଛି 'ଗଣପଥ', 'ଶେହଜାଦା' ଏବଂ 'ଆଦିପୁରୁଷ'।



କ୍ରିତି

## ପ୍ରଥମ ରୋଜଗାର



# ରୋଜଗାର ଟଙ୍କାରେ ପୁଅ ପାଇଁ ଖେଳନା କିଣିଥିଲି

### କବି ଦୀପ୍ତିମୟୀ ପ୍ରଧାନ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଷ**ଷ୍ଠ ଶ୍ରେଣୀରୁ ମୁଁ ନାଚ, ଗୀତ ସହ ଗାର୍ଡେନିଙ୍ଗ୍ ଓ ପେଣ୍ଟିଂ କରୁଥିଲି। ରମାଦେବୀ କଲେଜରେ ପଢ଼ିଲାବେଳେ ନୃତ୍ୟନାଟିକାରେ ଭାଗ ନେବା, କଲେଜ ମାଗାଜିନ୍‌ରେ କବିତା ପ୍ରକାଶିତ ହେବା ଓ ଲଳିତକଳା ଏକାଡେମୀ ଲାଗି ହାତଅଙ୍କା 'ଜଗନ୍ନାଥ ଚିତ୍ର' କଲେଜ ତରଫରୁ ମନୋନୀତ ହେବା ମୋ ପାଇଁ ଥିଲା ନିହାତି ଏକ ଖୁସିର କଥା। ତା'ପରେ ଧବଳଗିରି, ଯାଜପୁର ରୋଡ୍‌ରେ ବାପା ଇଂ.ବଳରାମ ପ୍ରଧାନ ଚାକିରି କରୁଥିଲାବେଳେ ମୋର ଅନେକ କବିତା, ପ୍ରବନ୍ଧ ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜ ଅମୃତାୟନ, ବିଜୟା, କାଦମ୍ବିନୀ ଆଦି ପତ୍ରପତ୍ରିକାରେ ନିୟମିତ ଭାବେ ପ୍ରକାଶିତ ହେଉଥିଲା। ବିବାହ କରି ଅନୁଗୁଳ ଆସିବା ପରେ ମୋର ପ୍ରଥମ କବିତା ପ୍ରକାଶ ପାଇଥିଲା 'ଝଙ୍କାର'ରେ ; ଯାହାକୁ ଦେଖି ମୋ ସ୍ୱାମୀ ଇଂ ଅକ୍ଷୟ କୁମାର ସାହୁ ବହୁତ ଖୁସି ହୋଇଥିଲେ। ତାଙ୍କ ପ୍ରେରଣାରେ 'ମାଟିର ସୀତା', 'ହିମଚ୍ଛାୟା', 'ଦୂବଦାରୁ', 'ଧୃତି', 'ମୁହଁ', 'ମାଟିର ପୁତୁଲେର ଗାନ୍' ଆଦି କବିତା ସଂକଳନ ମୋର ପ୍ରକାଶିତ ହେଲା। ପ୍ରକାଶିତ ଅପେକ୍ଷାରେ 'ଦେବୀ' ଓ 'କେବେ ଶିଳାରେ କେବେ ସିନ୍ଦୁରରେ'। ଇଂରାଜୀ ବହି ରକ୍‌ପେବ୍‌ଲସ୍, ଗୁଜୁରାଟୀ ଅନୁବାଦ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଅନୁଦିତ କବିତା ବହି 'ମାଟିର ପୁତୁଲେର୍ ଗାନ' ମତେ ଅନେକ ପାଠକୀୟ ସ୍ୱୀକୃତି ଦେଇଛି। ଯଦିଓ ଲେଖିବା ମୋର ନିଶା କିନ୍ତୁ ମୁଁ ବହୁତ ମୁଡି। ସ୍ୱାମୀ ଓ ପୁଅଙ୍କର ଅଲଗା ପ୍ରଫେସନ୍ ହେଲେ ବି ସେମାନଙ୍କର ସାହିତ୍ୟରେ ରୁଚି ରହିଛି। ଏମିତି ବି ହୋଇଛି ମୁଁ ଯଦି ଲେଖାଲେଖି ନ କରି ଚୁପ୍ ରହିଗଲି, ମୁଁ କାହିଁକି ଲେଖୁନି ବୋଲି ସେମାନେ ପଚାରନ୍ତି। ତେବେ ମୋର ପ୍ରଥମ ରୋଜଗାର କଥା କହିଲେ, ଏହା ଥିଲା ଦୂରଦର୍ଶନ କେନ୍ଦ୍ରରୁ ମିଳିଥିବା ମୋର ପ୍ରଥମ ପାରିଶ୍ରମିକ। 'ବନ୍ଦେମାତରମ୍' କାର୍ଯ୍ୟକ୍ରମରେ ନିମନ୍ତ୍ରିତ କବି ଭାବେ ଆମେ ଦଶଜଣ ଥିଲୁ। ସ୍ୱାମୀ ଖରିଆର ରୋଡ୍‌ରେ ଥିବାରୁ ପୁଅ ମୋ ସହିତ ଯାଇଥିଲା। ଆମକୁ ମେକ୍‌ଅପ୍ ଲଗେଇ ଦିଆଗଲା। ସେଠାରେ ମୋ ସହିତ ଥାନ୍ତି କବି ସୁଚେତା ମିଶ୍ର। ମୋତେ ନର୍‌ଭସ୍ ଲାଗୁଥାଏ। ଯା'ହେଉ ପ୍ରୋଗ୍ରାମ୍ ସରିବା ପରେ ଆମକୁ ଗୋଟିଏ ଲେଖାଏଁ ୧୬ଶହ ଟଙ୍କାର ଚେକ୍ ମିଳିଥିଲା। ପୁଅ ସେତେବେଳେ ସ୍କୁଲ୍‌ରେ ପଢୁଥାଏ। ଜାଣିଦେଲା ଚେକ୍‌ରେ ଟଙ୍କା ମିଳିଛି ମମିକୁ। 'ଏଇଟା ମୋର' କହି ଦୂରଦର୍ଶନ କେନ୍ଦ୍ରର କ୍ୟାମ୍ପସ୍ ସାରା ଧାଇଁଲା ଖୁସିରେ। ତା'ଖୁସି ଦେଖି ସେଇ ଟଙ୍କାରେ ମୁଁ ଖେଳନା କିଣି ଦେଇଥିଲି ତା' ପାଇଁ। ଆଜି ମୋ ପୁଅ ବଡ଼ ହୋଇ ଡେପୁଟି ମ୍ୟାନେଜର୍ ହେଲାଣି କିନ୍ତୁ ସେହି ଖେଳଣାକୁ ସିଏ ଏବେ ବି ସାଇତି ରଖିଛି। ସତ କହିଲେ, ରୋଜଗାର ମାନେ ଯଦିଓ ଟଙ୍କା ପାଇବା ମୋ ପାଇଁ କିନ୍ତୁ ପାଠକୀୟ ଶ୍ରଦ୍ଧା, ତାଙ୍କଠାରୁ ଆସୁଥିବା ଫୋନ୍ କଲ୍ ବହୁତ ବେଶୀ ଗୁରୁତ୍ୱ ରଖେ। ଭଲ କବିତା ଲେଖି ପାଠକଙ୍କ ହୃଦୟରେ ନିଜପାଇଁ ଟିକିଏ ଜାଗା ବନେଇବା ମୋ ଲେଖିବାର ଅଭିପ୍ରାୟ।

# ଉଜାଗର ହୋଇ ରହିଛି ଚାହିଁ, ଅବୁଝା ପ୍ରେମିକାକୁ ଉତ୍ତର ନାହିଁ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ତା' କଥା ଭାବି ଭାବି ମୋ ଦିନ ବିତି ଯାଉଛି। କ'ଣ କରିବି ?

*–ପ୍ରଶାନ୍ତ ନାଥ, ଢେଙ୍କାନାଳ*

**ଉତ୍ତର :** ଯେଉଁ ସୁନ୍ଦରୀ ଆପଣଙ୍କ ମନରେ ଘର କରିଛି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ସେପଟେ ସେହି ତରୁଣୀର କଥା ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ପୁଣି ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। ଆପଣ ବେଶ୍ ଉତ୍ସୁକତାର ସହ ତା' ବାଟକୁ ଚାହିଁ ରହିଛନ୍ତି। ଯଦି ସେ ସୁନ୍ଦରୀ ଆପଣଙ୍କ ହୃଦୟରେ ଘର କରି ସାରିଛି ତେବେ ତାଙ୍କ ହୃଦୟରେ ତ ନିଶ୍ଚୟ ଆପଣଙ୍କ ପାଇଁ ସ୍ଥାନ ଥିବ। ନ ହେଲେ ଆପଣ ହୁଏତ ଏକତରଫା ପ୍ରେମ କରୁଛନ୍ତି। 'ଉଜାଗର ହୋଇ ରହିଛି ଚାହିଁ, ଅବୁଝା ପ୍ରେମିକାକୁ ଉତ୍ତର ନାହିଁ।' ଯଦି ଆପଣଙ୍କର ମନର ମାନସୀ ସହ କେବେ ଭେଟ ହେଲା, ତେବେ ଦୁହିଁଙ୍କ ପ୍ରେମରେ କେତେ ଗଭୀରତା ଅଛି ତାହାକୁ ମାପି ନିଅନ୍ତୁ। ନ ହେଲେ ଏମିତି ଭାବନା ରାଇଜରେ ଆପଣଙ୍କ ପ୍ରେମ ସୀମିତ ହୋଇ ରହିଯିବ।



ସାଥୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*–ତପନ ଦାସ, ପୁରୀ*

**ଉତ୍ତର :** ସେହି ସୁନ୍ଦରୀର ତେରେଛା ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ପ୍ରଭାତ ମହନ୍ତ, ଅନୁଗୋଳ*

**ଉତ୍ତର :** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ଅନୁପମ ରାଉତ, ବଡବିଲ*

**ଉତ୍ତର :** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**– ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ସୁଜିତ କୁମାର, ନବରଙ୍ଗପୁର*

**ଉତ୍ତର :**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।



# ଶୀତରେ କିପରି ଲାଗିବେ ଫ୍ୟାଶନେବଲ୍



**ଶୀତଦିନେ ଏମିତି ଆଉଟ୍‌ଫିଟ୍ ପସନ୍ଦ କରନ୍ତୁ; ଯାହା ଶୀତରୁ ରକ୍ଷା କରିବା ସହ ଷ୍ଟାଇଲିଶ୍ ଲୁକ୍ ବି ଦେବ। ଖାସ୍ ଶୀତ ପାଇଁ କ'ଣ କ'ଣ ପିନ୍ଧିବେ ସେ ସମ୍ପର୍କରେ ଏଠାରେ କିଛି ଟିପ୍ସ ଦିଆଗଲା ; ଯାହାକୁ ଆପଣାଇ ଯୁବତୀମାନେ ଅତି ସହଜରେ ଫ୍ୟାଶନେବଲ୍ ଲୁକ୍ ପାଇପାରିବେ...**

* **ଜମ୍ପସୁଟ୍ ସହ ଶ୍ରଗ୍:** ଶୀତଦିନେ ଫ୍ୟାଶନେବଲ୍ ଲୁକ୍ ସାଙ୍ଗକୁ କମ୍ଫର୍ଟ ଉପରେ ବିଶେଷ ଧ୍ୟାନ ଦେଉଥିବା ଯୁବତୀମାନେ ଚାହିଁଲେ ଜମ୍ପସୁଟ୍ ସହ ଶ୍ରଗ୍‌କୁ ମ୍ୟାଚିଂ କରି ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍ ଶୀତ ଦାଉରୁ ରକ୍ଷା କରିବା ସଙ୍ଗେସଙ୍ଗେ ଯୁବତୀଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଖାସ୍ କରି ଆଉଟିଂରେ ଯିବାବେଳେ ଏହାକୁ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।
* **ହୁଡେଡ୍ ଟି-ଶାର୍ଟ:** ଶୀତ ଋତୁରେ ଦିନବେଳା ହେଉଥିବା ହାଲ୍‌କା ହାଲ୍‌କା ଥଣ୍ଡାରେ ହୁଡେଡ୍ ଟି-ଶାର୍ଟ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ଏହାର ଉଭୟ ପ୍ଲେନ୍ ଓ ଚେକ୍ ଷ୍ଟାଇଲ୍ ଟି-ଶାର୍ଟ ଯେମିତି ସୁନ୍ଦର ଦେଖାଯାଏ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ବି ଦେଇଥାଏ। ଏହାକୁ ଅଫିସ୍ ହେଉ କିମ୍ବା ଆଉଟିଂରେ ଯିବାବେଳେ ଆରାମରେ ପିନ୍ଧାଯାଇପାରେ। ସେହିପରି ଅଧିକ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ, ଏହି ଆଉଟ୍‌ଫିଟ୍ ସାଙ୍ଗକୁ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବି ଟ୍ରାଏ କରିପାରିବେ। ସବୁଠୁ ବଡ଼ କଥା ହେଉଛି ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ହୁଡେଡ୍ ଟି-ଶାର୍ଟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।
* **କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍:** ଏହାକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଯେମିତି ସୁନ୍ଦର ଲାଗେ, ସେମିତି ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହିତ ଏହାକୁ ଟ୍ରାଏ କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଖାସ୍ କରି ହାଲ୍‌କା ରଙ୍ଗରେ ଆସୁଥିବା କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍‌କୁ ଟ୍ରାଉଜର୍ସ କିମ୍ବା ଜିନ୍ସ ସହ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିବା ସହ ଶୀତରୁ ରକ୍ଷା ମିଳିଥାଏ।
* **ଅଲ୍ ଟାଇମ୍ ହିଟ୍ ସ୍ୱେଟର୍:** ଶୀତଦିନେ ଶର୍ଟ ଷ୍ଟାଇଲ୍ ସ୍ୱେଟର୍‌ଠାରୁ ଆରମ୍ଭ କରି ଓଭର୍ ସାଇଜ୍ ସ୍ୱେଟର୍ ପର୍ଯ୍ୟନ୍ତ ସବୁର ଖୁବ୍ ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଆସୁଥିଲେ ବି ଶୀତଦିନେ ସ୍ୱେଟର୍‌ର ଚାହିଦା କେବେ ବି କମେ ନାହିଁ। ସେଥିପାଇଁ ପ୍ରତିବର୍ଷ ଶୀତଦିନେ ମାର୍କେଟ୍‌ରେ ଅନେକ ଆକର୍ଷଣୀୟ ଡିଜାଇନ୍‌ର ସ୍ୱେଟର୍ ବିକ୍ରି ହୋଇଥାଏ, ଯାହାକୁ ଉଭୟ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ।
* **ୱିଣ୍ଟର କ୍ୟାପ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସାଙ୍ଗକୁ ଶୀତଦାଉରୁ ରକ୍ଷା ପାଇବା ପାଇଁ କେବଳ ଆକର୍ଷଣୀୟ ଆଉଟ୍‌ଫିଟ୍ କିମ୍ବା ସ୍ୱେଟର୍ ପିନ୍ଧିଦେଲେ ତ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ୱିଣ୍ଟର୍ କ୍ୟାପ୍‌ର ବି ଆବଶ୍ୟକତା ରହିଥାଏ। ସେଥିପାଇଁ ବେନି କ୍ୟାପ୍, କଲର୍-ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫ୍ୟାବ୍ରିକ୍ କ୍ୟାପ୍ ଭଳି କେତେକ ଟ୍ରେଣ୍ଡି ୱିଣ୍ଟର୍ କ୍ୟାପ୍‌ର ଶୀତଦିନେ ଖୁବ୍ ଚାହିଦା ବଢ଼ିଯାଏ।
* **ୱିଣ୍ଟର ଫୁଟ୍‌ୱେର୍:** ଦେହ ଓ ମୁଣ୍ଡ ସହ ଶୀତଦିନେ ପାଦକୁ ସୁରକ୍ଷା ଦେବା ପାଇଁ ବି ମାର୍କେଟ୍‌ରେ ଅନେକ ଭେରାଇଟିର ୱିଣ୍ଟର୍ ଫୁଟ୍‌ୱେର୍ ମିଳିଥାଏ। ଯେମିତିକି: ସ୍ନିକର୍ସ, ଆଙ୍କେଲ୍ ବୁଟ୍, ୱେଦରପ୍ରୁଫ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଯୁବତୀମାନେ ଚାହିଁଲେ ଏହିସବୁ ଫୁଟ୍‌ୱେର୍‌କୁ ଟ୍ରାଏ କରି ଶୀତଦିନେ ସହଜରେ ଫ୍ୟାଶନେବଲ୍ ଲୁକ୍ ପାଇପାରିବେ।









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ଜ୍ୟୋତିର୍ମୟୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ-ଓଡ଼ିଶା ଫ୍ୟାଶନ ଭିଲ୍ଲା, ଭୁବନେଶ୍ୱର**

# ହାଃ ହାଃ

## ଝିଅ

ବାପା ପୁଅକୁ: ମୁଁ ତୋ ପାଇଁ ଭଲ ଝିଅଟେ ଦେଖିଛି। ସେ ରୂପବତୀ, ଗୁଣବତୀ ଓ କଥାବାର୍ତ୍ତାରେ ପୂରାପୁରି ମା' ସରସ୍ୱତୀ।
ପୁଅ: ହେଲେ ବାପା ମୁଁ ଆଉ କାହାକୁ ଭଲ ପାଉଛି। ଆଉ ସେ ଏବେ ଗର୍ଭବତୀ।

## ସହି ହଉନି

ରାଜେଶ ପ୍ରକାଶକୁ: ମୋ ସ୍ତ୍ରୀର ମେକ୍‌ଅପ୍ ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହି ହଉନି କି କିଛି କହି ହଉନି।
ପ୍ରକାଶ: କାହିଁକି କିଛି କହିପାରୁନୁ? ଆଜି ଗଲେ ତୁ ସିଧା ସିଧା କହି ଦେବୁ ଯେ, ମୁଁ ଆଉ ମେକ୍‌ଅପ୍ ଖର୍ଚ୍ଚ ଉଠେଇ ପାରିବିନି।
ରାଜେଶ: କହିପାରିବିନି। କାରଣ ବିନା ମେକ୍‌ଅପ୍‌ରେ ତା' ବିକୃତ ମୁହଁକୁ ମୁଁ ଦେଖିକି ସହି ପାରିବିନି।

## ପେଟ୍ରୋଲ

ଗୋପି ଓ ମହେଶ କାର୍‌ରେ ଯାଉଥାନ୍ତି। ହଠାତ୍ ଗାଡି ବନ୍ଦ ହେଇଗଲା।
ମହେଶ: ଗାଡ଼ିର ପେଟ୍ରୋଲ ସରିଗଲା। ଆମେ ଆଉ ଆଗକୁ ଯାଇପାରିବାନି।
ଗୋପି: ଠିକ୍ ଅଛି। ତା'ହେଲେ ତୁ ଗାଡି ରିଭର୍ସ ଗିୟର୍‌ରେ ଲଗା। ଆଉ ଘରକୁ ଫେରି ଚାଲ।



# ପକ୍କେ ବାଘ ଅଭୟାରଣ୍ୟ

**ଅରୁଣାଚଳ ପ୍ରଦେଶର ପକ୍କେ କେସାଙ୍ଗ ଜିଲା ଅନ୍ତର୍ଗତ ଏକ ଅଭୟାରଣ୍ୟ ହେଉଛି ପକ୍କେ ବାଘ ସଂରକ୍ଷଣ କେନ୍ଦ୍ର। ପ୍ରାୟ ୮୬୨ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ସଂରକ୍ଷଣ କେନ୍ଦ୍ରଟି ମୁଖ୍ୟତଃ ପ୍ରୋଜେକ୍ଟ ଟାଇଗର କାର୍ଯ୍ୟକ୍ରମର ଏକ ଅଂଶବିଶେଷ । ତେଣୁ ଏଠାରେ ବାଘମାନଙ୍କର ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ। କେବଳ ବାଘ ନୁହେଁ, ଏଠାରେ ଅନ୍ୟ କେତେକ ବିରଳ ପଶୁପକ୍ଷୀଙ୍କୁ ବି ଦେଖିବାର ସୁଯୋଗ ରହିଛି...**





### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ୧୯୬୬ ମସିହାରେ ଏହି ବାଘ ସଂରକ୍ଷଣ କେନ୍ଦ୍ରଟି ପାଖୁଇ ରିଜର୍ଭ ଫରେଷ୍ଟ ଭାବେ ପ୍ରଥମେ ଏଠାରେ ଗଢ଼ି ଉଠିଥିଲା। ପରେ ୧୯୭୭ ମସିହାରେ ଏହି ଅଞ୍ଚଳକୁ ଏକ ଗେମ୍ ରିଜର୍ଭ ର ରୂପ ଦିଆଗଲା। ପୁନର୍ବାର ୨୦୦୧ରେ ଏହାର ନାମକୁ ପରିବର୍ତ୍ତନ କରାଯାଇ ପାଖୁଇ ବନ୍ୟପ୍ରାଣୀ ଅଭୟାରଣ୍ୟ ରଖାଗଲା। ମାତ୍ର ଗୋଟିଏ ବର୍ଷ ପରେ ଅର୍ଥାତ୍ ୨୦୦୨ରେ ବାଘମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏଠାରେ ପ୍ରୋଜେକ୍ଟ ଟାଇଗର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଗଲା ; ଯଦ୍ଦ୍ୱାରା ଏହାର ନାମ ପରିବର୍ତ୍ତିତ ହୋଇ ପାଖୁଇ ବାଘ ସଂରକ୍ଷଣ କେନ୍ଦ୍ର ହେଲା। କିଛିଦିନ ପରେ ଜିଲାର ନାମାନୁସାରେ ଏହା ଲୋକମୁଖରେ ପକ୍କେ ବାଘ ସଂରକ୍ଷଣ କେନ୍ଦ୍ର ଭାବେ ପରିଚିତ ହେବାକୁ ଲାଗିଲା।

### କ'ଣ ଦେଖିବେ

ଯେହେତୁ ଏହା ଏକ ବାଘ ସଂରକ୍ଷଣ କେନ୍ଦ୍ର, ତେଣୁ ଏଠାରେ ଅଧିକ ସଂଖ୍ୟାରେ ବାଘ ଦେଖାଯିବା ସ୍ୱାଭାବିକ କଥା। ମୁଖ୍ୟତଃ ମହାବଳ ବାଘ, ଚିତାବାଘ ଏଠାରେ ଅଧିକ ଦେଖାଯାଇଥାନ୍ତି। ବାଘଙ୍କ ବ୍ୟତୀତ ପର୍ଯ୍ୟଟକ ଏଠି ଜଙ୍ଗଲୀ ବିଲେଇ, ଜଙ୍ଗଲୀ କୁକୁର, ହାତୀ, ବୋବାଉଥିବା ହରିଣ, ଗୟଳ, ଶମ୍ବର, ଗଧିଆ, ପାଣ୍ଡା, ଜଙ୍ଗଲୀ ଗୁଣ୍ଡୁଚିମୂଷା, ଉଡ଼ନ୍ତା ଗୁଣ୍ଡୁଚିମୂଷା, ରିସସ୍ ମକାକ୍ ଆଦି ପ୍ରାଣୀଙ୍କୁ ମଧ୍ୟ ଦେଖିପାରିବେ। ତା'ଛଡ଼ା ଏଠାରେ ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ବି ଦେଖିବାର ସୁଯୋଗ ରହିଛି। ଅନ୍ୟଦିନ ତୁଳନାରେ ଶୀତଦିନେ ଟିକେ ଅଧିକ ସଂଖ୍ୟାର ପକ୍ଷୀଙ୍କୁ ଏଠାରେ ଦେଖିହୁଏ। ଏସବୁ ବ୍ୟତୀତ ପ୍ରାୟ ୫୦୦ ପ୍ରଜାତିର ପ୍ରଜାପତିଙ୍କୁ ଏଠାରେ ଦେଖିବାର ନିଆରା ସୁଯୋଗ ବି ପାଇପାରିବେ ପର୍ଯ୍ୟଟକ।

### ଅନ୍ୟାନ୍ୟ ଆକର୍ଷଣ

ପର୍ଯ୍ୟଟକ ଏଠାରେ କେବଳ ପଶୁପକ୍ଷୀ ତଥା ସରୀସୃପଙ୍କୁ ଦେଖିବେ ତା'ନୁହେଁ, ଟ୍ରେକିଂର ଭରପୂର ମଜା ମଧ୍ୟ ନେଇପାରିବେ। ତା'ଛଡ଼ା ଏଠାରେ ଜିପ୍ ସଫାରିର ମଧ୍ୟ ଭଲ ବ୍ୟବସ୍ଥା ରହିଛି।

### କେବେ ଯିବେ

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ହେତୁ ଏହି ଅଞ୍ଚଳର ବାୟୁ ପ୍ରଦୂଷଣ ମୁକ୍ତ ହୋଇଥାଏ। ଫଳରେ ବୁଲାବୁଲି କରିବାକୁ ଏଠାରେ ବେଶ୍ ଆରାମ ଲାଗେ। ସେଥିପାଇଁ ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲି ଯାଇହେବ। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏଠାକୁ ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ।

### କେମିତି ଯିବେ

ଏହି ବାଘ ସଂରକ୍ଷଣ କେନ୍ଦ୍ରକୁ ଯିବାକୁ ହେଲେ ପୂର୍ବ ପଟେ ସେଇଜୋସା, ପଶ୍ଚିମ ପଟେ ଭାଲୁକ୍‌ପଙ୍ଗ୍ ଏବଂ ଉତ୍ତର ପଟେ ପକ୍କେ କେସାଙ୍ଗ ନାମକ ଅଞ୍ଚଳରେ ପ୍ରଥମେ ପହଞ୍ଚିବାକୁ ପଡ଼ିବ। ତା'ଛଡ଼ା ତେଜପୁର ହେଉଛି ସ୍ଥାନୀୟ ଅଞ୍ଚଳ ନିକଟସ୍ଥ ଏକ ମୁଖ୍ୟ ସହର, ଯାହା ସଂରକ୍ଷଣ କେନ୍ଦ୍ରଠାରୁ ପ୍ରାୟ ୬୫ କି.ମି . ଦୂରରେ ଅବସ୍ଥିତ। ତେଜପୁରକୁ ଯିବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ଟ୍ରେନ୍, ବସ୍ ତଥା ବିମାନର ଭଲ ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ପ୍ରଥମେ ତେଜପୁରରେ ପହଞ୍ଚିବେ। ତା'ପରେ ସେଠାରୁ ସ୍ଥାନୀୟ ସାଧନ ସହାୟତାରେ ସୁବିଧାରେ ଉକ୍ତ ସଂରକ୍ଷଣ କେନ୍ଦ୍ର ନିକଟରେ ପହଞ୍ଚିପାରିବେ।











# ରଙ୍ଗ ଇତିହାସ



ହଜାର ହଜାର ବର୍ଷ ଧରି ରଙ୍ଗ ଆମ ଜୀବନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆସିଛି। ବିନା ରଙ୍ଗରେ ତ ଆମ ଜୀବନ ନିରସ। ତେବେ ପ୍ରଥମେ ପ୍ରାକୃତିକ ରଙ୍ଗର ବ୍ୟବହାର ହେଉଥିଲା। ମହେଞ୍ଜୋଦାରୋ ଓ ହରପ୍ପାର ଖନନ ସମୟରେ ଏମିତି କିଛି ପାତ୍ର ଓ ମୂର୍ତ୍ତି ଉଦ୍ଧାର ହୋଇଥିଲା ; ଯେଉଁଥିରେ ରଙ୍ଗର ବ୍ୟବହାର କରାଯାଇଥିଲା। ସେହି ସାମଗ୍ରୀ ସହ ଏକ ଲାଲ ରଙ୍ଗର ଛୋଟ କପଡା ବି ମିଳିଥିଲା। ବିଶେଷଜ୍ଞଙ୍କ ଅନୁସାରେ ସେଥିରେ ମଜିଷ୍ଠା ଚେରରେ ପ୍ରସ୍ତୁତ ରଙ୍ଗର ବ୍ୟବହାର ହୋଇଥିଲା। ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହି ଚେରକୁ ଲାଲ ରଙ୍ଗ ପାଇଁ ବ୍ୟବହାର କରାଯାଉଥିଲା। ହଳଦିଆ ରଙ୍ଗ ଓ ସିନ୍ଦୂର ହଳଦୀରୁ ପ୍ରସ୍ତୁତ ହେଉଥିଲା।

**ବାଇଗଣୀ ରଙ୍ଗ:** ପ୍ରାୟ ୧୦୦ ବର୍ଷ ତଳେ ପଶ୍ଚିମରେ ହୋଇଥିବା ଔଦ୍ୟୋଗିକ କ୍ରାନ୍ତିର ଫଳସ୍ୱରୂପ କପଡା ଉଦ୍ୟୋଗର ବିକାଶ ଦ୍ରୁତଗତିରେ ହେଲା। ତେଣୁ ରଙ୍ଗର ଚାହିଦା ବଢିଲା। ଅନ୍ୟପକ୍ଷେ ପ୍ରାକୃତିକ ରଙ୍ଗ ସୀମିତ ଥିଲା। ଏହି ବଢୁଥିବା ଚାହିଦାକୁ ପୂରଣ କରିବା ପ୍ରାକୃତିକ ରଙ୍ଗ ପକ୍ଷେ ସମ୍ଭବ ନ ଥିଲା। ଫଳରେ କୃତ୍ରିମ ରଙ୍ଗର ଆବଶ୍ୟକତା ପଡିଲା। ଏତିକିବେଳେ(୧୮୫୬ମସିହା) ରୟାଲ କଲେଜ ଅଫ୍ କେମେଷ୍ଟ୍ରି, ଲଣ୍ଡନରେ ୱିଲିୟମ ହେନରୀ ପାର୍କିନ ମ୍ୟାଲେରିଆର ଔଷଧ କୁଇନାଇନ୍ ତିଆରି କରିବାରେ ବ୍ୟସ୍ତ ଥିଲେ। ଅନେକ ପ୍ରଚେଷ୍ଟା ସତ୍ତ୍ୱେ କରିପାରିଲେ ନାହିଁ। କିନ୍ତୁ ସେ ପ୍ରଥମ ସିନ୍ଥେଟିକ୍ ଏନିଲିନ ଡାଏ ତଥା ବାଇଗଣୀ ରଙ୍ଗ ତିଆରି କରିଦେଲେ। ଏହାକୁ ସେତେବେଳେ ମୌଭ କୁହାଯାଉଥିଲା।

**କୃତ୍ରିମ ରଙ୍ଗ ବା ମୌଭ:** ୧୮୫୬ରେ ସଂଯୋଗ ବଶତଃ ତିଆରି ହୋଇଯାଇଥିବା କୃତ୍ରିମ ବାଇଗଣୀ ରଙ୍ଗକୁ ସେତେବେଳେ ମୌଭ କୁହାଯାଉଥିଲା। ଏହାପରେ ୧୮୫୯ରେ ଫ୍ରେଞ୍ଚ କେମିଷ୍ଟ ଫ୍ରାଙ୍କୋଇସ୍ ଇମାନୁଏଲ ଭରଗୁଇନ ମାଜେଣ୍ଟା ରଙ୍ଗ ତିଆରି କରିଥିଲେ। ଆଉ ତା'ପରେ ୧୮୬୨ରେ ଏନିଲିନ ବ୍ଲୁ ଓ ଏନିଲିନ ବ୍ଲାକ୍, ୧୮୬୫ରେ ବିସ୍ମାଇ ବ୍ରାଉନ୍, ୧୮୮୦ରେ କଟନ୍ ବ୍ଲାକ୍ ଆଦି କୃତ୍ରିମ ରଙ୍ଗ ପ୍ରସ୍ତୁତ ହେଲା। ପ୍ରଥମେ ଏହିସବୁ ରଙ୍ଗ ତାରକୋଲରୁ ତିଆରି କରାଯାଉଥିଲା। ପରେ ଏସବୁର ତିଆରି ଅନ୍ୟ ରାସାୟନିକ ପଦାର୍ଥରୁ ବି ହେଲା।

**ନୀଳ ରଙ୍ଗ ତିଆରି ପାଇଁ ମିଳିଲା ନୋବେଲ ପୁରସ୍କାର:** ଜର୍ମାନୀର ରସାୟନବିଜ୍ଞାନୀ ଏଡଲ୍ଫ ଭନ୍ ବଇୟର ୧୮୬୫ରେ କୃତ୍ରିମ ନୀଳ ରଙ୍ଗ ତିଆରିର କାମ ଆରମ୍ଭ କରିଥିଲେ। ଅନେକ ଅସଫଳତା ଓ ଲମ୍ବା ପ୍ରୟାସ ପରେ ୧୮୮୨ରେ ସେ ନୀଳ ରଙ୍ଗର ସଂରଚନା ନିର୍ଦ୍ଧାରିତ କରିପାରିଲେ। ଏହାର ପର ବର୍ଷ ରାସାୟନିକ ନୀଳ ରଙ୍ଗ ପ୍ରସ୍ତୁତ କରିଲେ। ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବଇୟର ୧୯୦୫ରେ ନୋବେଲ ପୁରସ୍କାର ପାଇଥିଲେ।

**ବଣ୍ଟା ଯାଇଥିଲା ମାଗଣା ରଙ୍ଗ:** ମୁମ୍ବାଇରେ ରଙ୍ଗ ବ୍ୟବସାୟ କରୁଥିବା କାମରାଜଜୀ ନାମକ ଫାର୍ମ ସର୍ବପ୍ରଥମେ ୧୮୬୭ରେ ମଜେଣ୍ଟା ରଙ୍ଗ ଆମଦାନୀ କରିଥିଲେ। ୧୮୭୨ରେ ଜର୍ମାନୀର ରଙ୍ଗ ବିକ୍ରେତାଙ୍କର ଏକ ଦଳ ଏଲିଜିରିନ ନାମକ ଏକ ରଙ୍ଗ ନେଇ ଏଠାକୁ ଆସିଥିଲେ। ଏମାନେ ଭାରତୀୟ ରଙ୍ଗ ବ୍ୟବସାୟୀଙ୍କ ଭିତରେ ନିଜ ରଙ୍ଗର ଚାହିଦାକୁ ବଢାଇବା ଲାଗି ଅନେକ ପ୍ରୟାସ କଲେ। ଆରମ୍ଭରେ ତ ସେମାନେ ନମୁନାଭାବେ ନିଜ ରଙ୍ଗକୁ ମାଗଣା ବାଣ୍ଟିଲେ। ସ୍ୱଳ୍ପ ଟଙ୍କାରେ ଉଧାରିରେ ବିକ୍ରି କଲେ। ପରେ ଯଦିଓ ଭଲ ସୁଧ ବି ନେଲେ। ପ୍ରାକୃତିକ ରଙ୍ଗ ଅପେକ୍ଷା କୃତ୍ରିମ ରଙ୍ଗ ବହୁତ ଶସ୍ତା ଥିଲା। ତା'ସହ ଏଥିରେ ଚମକ ଭଲ ଥିଲା ଓ ସହଜରେ ଉପଲବ୍ଧ ବି ହେଉଥିଲା। ତେଣୁ କୃତ୍ରିମ ରଙ୍ଗ ପ୍ରାକୃତିକ ରଙ୍ଗର ଚାହିଦାକୁ କମାଇ ପ୍ରସାର ହେବାକୁ ଲାଗିଲା।





# ସବୁଠୁ ଛୋଟ ଟିଭି ସେଟ୍



ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ହେଉଛି ଟିଭି, ଯାହା ପ୍ରତି ଘରେ ଦେଖିବାକୁ ମିଳେ। ତେବେ ସମୟ ବଦଳିବା ସହ ଟିଭିର ଆକାରରେ ଆସିଛି ଅନେକ ପରିବର୍ତ୍ତନ। ପୂର୍ବେ ଯେଉଁଠି ବଡ଼ ଓ ଭାରି ଟିଭି ଥିଲା। ଏବେ ତାହାର ଆକାର ସ୍ଲିମ୍ ହୋଇଗଲାଣି। ସେହିଭଳି ଟିଭିର ଡିସପ୍ଲେରେ ବି ବହୁତ ପରିବର୍ତ୍ତନ ଆସିଛି। ତେବେ ଏଠି ଯେଉଁ ଟିଭି ସମ୍ପର୍କରେ କୁହାଯାଉଛି ତାହା ସବୁଠାରୁ ଭିନ୍ନ। କାରଣ ଏ ହେଉଛି ପୃଥିବୀର ସବୁଠୁ ଛୋଟ ଟିଭି। ଟାଇନି ସର୍କିଟ୍‌ସ ନାମକ ଏକ ହାର୍ଡୱେର କମ୍ପାନୀ 'ଟାଇନି ଟିଭି ୨' ଓ 'ଟାଇନି ଟିଭି ମିନି' ନାମରେ ଏହି ଦୁଇ ଅତି କ୍ଷୁଦ୍ରାକାର ଟିଭି ସେଟ୍ ପ୍ରସ୍ତୁତ କରିଛି। ଆକାରରେ ବହୁତ ଛୋଟ ହୋଇଥିଲେ ହେଁ ଏହା ବଡ ଟିଭିଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି କମ୍ପାନୀ ପୁରୁଣା ସମୟରେ ବ୍ୟବହାର କରାଯାଉଥିବା ଟିଭି ପରି ଏହି ଦୁଇ ମିନି ଟିଭିକୁ ତିଆରି କରିଛି। ଏହି ଟିଭି ପୋଷ୍ଟାଲ ଷ୍ଟାମ୍ପ ସାଇଜ୍‌ର ଅଟେ। ଏଥିରେ ଚ୍ୟାନେଲ ଓ ଭଲ୍ୟୁମକୁ ଆଡଜଷ୍ଟ କରୁଥିବା ନବ୍‌ସ ଅଛି। ତା'ସହ ରିମୋଟ କଣ୍ଟ୍ରୋଲ ଓ ୮ ଜିବି ଷ୍ଟୋରେଜ ବି ଅଛି। ଏହାକୁ କମ୍ପ୍ୟୁଟର ସହ କନେକ୍ଟ କରି ଭିଡିଓ ଅପ୍‌ଲୋଡ କରାଯାଇପାରିବ। ଏହି ଟିଭି ବ୍ୟାଟେରୀରେ ଚାଲିବ। ଟାଇନି ଟିଭି ୨ର ଡିସପ୍ଲେର ଆକାର ୧ ଇଞ୍ଚ ହୋଇଥିବାବେଳେ ଏହାକୁ ୦.୬ ରୁ ୦.୪ ଇଞ୍ଚର ସ୍କ୍ରିନ ଉପରେ ସେଟ୍ କରାଯାଇଛି। ଟିଭିର ପରଦା ୦.୬ ଇଞ୍ଚ ଓ ଏହାର ଇଣ୍ଟରନାଲ କାପାସିଟି ୮ ଜିବି। ଏଥିରେ ପୂର୍ବରୁ କିଛି ଭିଡିଓ ଅପ୍‌ଲୋଡ ହୋଇ ଆସିବ। ତା'ସହ ନୂଆ ଭିଡିଓ ଅପଲୋଡ କରିବାର ସୁବିଧା ବି ଏଥିରେ ଉପଲବ୍ଧ ରହିବ। OLED ଡିସପ୍ଲେ ଥିବା ଏହି ଟିଭିକୁ ପୃଥିବୀର ସବୁଠାରୁ ଛୋଟ ଟିଭି ଭାବେ ପ୍ରମୋଟ କରାଯାଉଛି। ଏହାକୁ ୪୦୦୦ଟଙ୍କାରୁ ୫୦୦୦ଟଙ୍କାରେ କିଣାଯାଇପାରିବ। ତେବେ ରିମୋଟ କଣ୍ଟ୍ରୋଲ ପାଇଁ ଆଉ ଅଧିକ ୧୦୦୦ଟଙ୍କା ଦେବାକୁ ହେବ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ପିଲାଙ୍କ ଦାୟିତ୍ୱ କାହାର..



ଯୋଉ ଜାଗାରେ ଦେଶୀ ଦୁହାଁଳିଆ ଗାଈ କି ପାଞ୍ଚ ହଜାରେ ଟଙ୍କାରେ ବିକି, ପନ୍ଦର ହଜାର ଦେଇ ବିଦେଶୀ କୁକୁର କିଣି ପାଳିଲେଣି, ନିଃସନ୍ଦେହରେ କହିବା ସେଇଠି ଢେରେ ଉନ୍ନତି ହେଲାଣି । ତା' ଛଡ଼ା ଯେଉଁ ଗାଁ ଗହଳିରେ ଅଛପର ସ୍କୁଲଘର ଅବା ପାଣି ଗଳୁଥିବା ଛାତ ଖସୁଥିବା ସରକାରୀ ସ୍କୁଲ ଛାଡ଼ି ପାଞ୍ଚ ଦଶ କିଲୋମିଟର ଦୂର ଇଂରାଜୀ ଘରୋଇ ବିଦ୍ୟାଳୟକୁ ପିଲାଏ ପଢ଼ିବାକୁ ଗଲେଣି, ମୁଁ ହଲପକରି କହିବି ସେଇଠି ଶିକ୍ଷାର ପ୍ରବଳ ବିକାଶ ହେଲାଣି । ଏମିତି ଗୋଟେ ଘଟଣା କହୁଛି ଟିକେ ଶୁଣନ୍ତୁ । ସେଦିନ ମୁଁ ମୋର ଜଣେ ଗ୍ରାମ୍ୟବନ୍ଧୁଙ୍କ ଘରକୁ ଯାଇ ରହିଗଲି । ପରଦିନ ସକାଳୁ ପ୍ରାତଃ ଭ୍ରମଣସାରି ଗାଁ ମୁଣ୍ଡରେ ଥିବା ଚା' ଦୋକାନ ପାଖରେ ଚା' ପିଉଥାଏ । ମଗୁଶିର ହାଲୁକା ଶୀତୁଆ ସକାଳ । ବୁଢ଼ା -ବୁଢ଼ୀମାନେ ତାଙ୍କ ସାନ ନାତି ନାତୁଣୀଙ୍କୁ ଧରି ସୁକୁଟା ସାହୁ ଦୋକାନ ପାଖରେ ଅପେକ୍ଷା କରିଥାନ୍ତି... ସ୍କୁଲଗାଡ଼ିରେ ପିଲାଙ୍କୁ ଛାଡ଼ିବାକୁ । ପିଲାଗୁଡ଼ା ଏକମଛା ପୋଷାକରେ ଜୋତା ମୋଜା ପିନ୍ଧି, ବେକରେ ଟାଏ ଭିଡ଼ି, ପିଠିରେ ବ୍ୟାଗ, ପେଟ ଉପରେ ପାଣିବୋତଲ ଝୁଲେଇ ଠିଆ ହୋଇଥାନ୍ତି । ସେମାନେ ତାଙ୍କ ଭିତରେ ଆଳାପ ଜମେଇଥାନ୍ତି ତ ବୁଢ଼ା ବୁଢ଼ୀମାନେ ନିଜନିଜ ଘରକଥା ଗପୁଥାନ୍ତି । ସୁକୁଟା ସାହୁ ଦୋକାନ ଖୋଲୁ ଖୋଲୁ ଏଇ ଜେଜେ ଜେଜୀମାନେ ଦଶଟଙ୍କା ଲେଖା ବଢ଼େଇଦେଇ ବିସ୍କୁଟ ପ୍ୟାକେଟ ଗୋଟେ ଗୋଟେ କିଣି ପିଲାଙ୍କ ଟିଫିନ ପ୍ଲାଷ୍ଟିକବକ୍ସରେ ପୂରେଇ ମାଧ୍ୟାହ୍ନରେ ଖାଇବାକୁ ଧରେଇଦେଲେ । ଏଇ ପ୍ରଥାଟା ଆଜିକାଲି ସହରରୁ ଗାଁକୁ ସଂକ୍ରମିତ ଗ୍ରାମ୍ୟ ଫେଶନ । ସହଜିଆ ଜଳଖିଆ.. ଝମେଲା ନ ଥିବା ଭୋଜନ । ଏଥିରେ ବାପା ମା' ଛୁଆ ସଭିଏଁ ଖୁସି । ଆଉ ଆଗପରି ପିଲାଙ୍କ ମମ୍ମି ଡାଡି ସକାଳୁଉଠି ବାସିପାଇଟି ସାରି ପଖାଳ କି ଚୁଡ଼ା, ଛତୁଆ, ଚକୁଳିଭଳି ଜଳଖିଆ ପ୍ରାୟ ପ୍ରସ୍ତୁତ କରୁନାହାନ୍ତି । ଅସଲକଥା ହେଲା ଟିଭି, ମୋବାଇଲ ମଉଜରେ ମାତି ବିଳମ୍ବ ରାତିରେ ଶୋଉଥିବାରୁ ପିଲାଙ୍କ ଖବର ବୁଝିବାକୁ ଏଇ ବୁଢ଼ା ବୁଢ଼ୀଙ୍କ ଦାୟିତ୍ୱରେ ଛାଡ଼ି ଡେରିରେ ଉଠୁଛନ୍ତି । ପହିଲେ ପହିଲେ ଏମିତି ରୀତି ନୀତି ବୁଢ଼ା ବୁଢ଼ୀଙ୍କୁ ବିରକ୍ତିକର ମନେହେଉଥିଲା । ଏବେ ଏସବୁ ଦେହସୁଆ କର୍ତ୍ତବ୍ୟ ବୋଧ ହୋଇଗଲାଣି । ପିଲାଏ ବି ମଧ୍ୟାହ୍ନରେ ଭୁରି ଭୋଜନ ନ କରି ଦଶଟଙ୍କିଆ ବିସ୍କୁଟ ଖାଇ ନିଜକୁ ଆଡ଼ଜଷ୍ଟ କରିନେଲେଣି । ଗାଈ ନ ଥିବା ଘରୁ ଆଉ ଗୋବରଘଷି କି ଜାଳେଣି ଜାଳି ଘର ଧୂଆଁକରି ଜଳଖିଆ କି ରନ୍ଧାରନ୍ଧି ଝମେଲା ନାହିଁ । ଏଇ ଶସ୍ତା ସୁନ୍ଦର ସହଜଲଭ୍ୟ ବିସ୍କୁଟ ପ୍ୟାକେଟ ସବୁ ସମସ୍ୟାର ସରଳ ସମାଧାନ କରିଦେଉଛି ।

ସେଦିନ କାର୍ତ୍ତିକ ପୂନେଇଁ ଓ ଛାଡ଼ଖାଇ ପାଳନ ଦି' ଦିନ ଛୁଟି ପରେ ବୁଢ଼ା ବୁଢ଼ୀମାନେ ତାଙ୍କ ଡିଉଟିରେ ଖିଲାପ କରି ନ ଥିଲେ । ଏଇଭିତରେ ଚିନ୍ମୟ ନାମକ ପିଲା.. ଯାହାକୁ ଜେଜୀ ମା' ଓ ସାଙ୍ଗମାନେ ଚାଇଁଆ ସମ୍ବୋଧନ କରୁଥିଲେ, ସେ ବି ଠିଆହୋଇଥାଏ । ତାକୁ ତା' ସାଙ୍ଗ ତରବରିଆ ଡାକପକେଇବାରୁ ଗାଡ଼ି ଛାଡିଦବ ବୋଲି ଜେଜେମା' ତାଗିଦାରେ ସକାଳର ନିତ୍ୟକର୍ମ ନ ସାରି ଡ୍ରେସ ପିନ୍ଧି ବ୍ୟାଗଧରି ଚାଲିଆସିଥାଏ । ଜେଜେମା' କମଳାକ୍ରିମ ବିସ୍କୁଟପ୍ୟାକେଟ କିଣି ତାକୁ ଦେଉଦେଉ ଟକଳା ଚାଇଁଆ ତା' ବାସ୍ନାରେ ଅଥୟହୋଇ କମଳାରୁ ଚୋପାଛଡେଇଲା ଭଳିଆ କାଗଜଖୋଳ ଛଡେଇ ସବୁତକ ଖାଇପକେଇଲା । ତାକୁ ଟାଉଟାଉ କରି ଖାଉଥିବାଦେଖି ଜେଜେମା' ତା ପିଠିକି ବିଧାଏ ମାରି ଗାଳିଦେଇ କହିଲେ... ହେଇରେ ଟାଉକା ଟୋକା ! ଏବେ ତ ସବୁ ଗିଳିଦେଲୁ । ଖରାବେଳକୁ ଇସୁକୁଲୁରେ ଗିଳିବୁ କ'ଣ ? ବାଧରେ ବୁଢ଼ୀମା' ଆଉଗୋଟେ ପ୍ୟାକେଟ ସୁକୁଟା ଠୁ ବାକିରେ କିଣି ତାକୁ ଦେଲାରୁ, ସେଇଟାକୁ ବି ଖାଇବ ବୋଲି ଖୋଲିବାଦେଖି ଜେଜେମା' ତା' ହାତରୁ ଛଡେଇ ବ୍ୟାଗରେ ପୂରେଇ କହିଲେ... ରହରେ ବାଡ଼ିପୋଡ଼ା । ତୁ ଆଜି ଇସୁକୁଲୁରୁ ଘରକୁ ଆ । ମୁଁ ଯେବେ ତୋ ଦାଡିକି କହି ବୁହେମାଡ଼ ନ ଖୁଆଇଛି, ତେବେ ତୁ ମେତେ ଚିହ୍ନିବୁ ।

ଏସବୁ ଦେଖି ମୁଁ ହସକୁ ଚାପି ପଚାରିଲି... ହେ ମାଉସୀ ! ୟାର ଦାଦିକି କିଆଁ କହିବ ? ଛୁଆର ବାପା ବୋଉ କ'ଣ ନାହାନ୍ତି ନା ଦାଦି-ଖୁଡ଼ୀ ସବୁ ଦାୟିତ୍ୱ ବୁଝୁଛନ୍ତି ? ମାଉସୀ କହିଲେ... ମୋ ପୁଅପରା ତାକୁ ବାପ ନ ଡାକି ଦାଡି ଡାକିବାକୁ କହିଛି । କି ଯୁଗ ହେଲା ଲୋ ମା... ଆଗରୁ ଆମେ ଶୁଣିଥିଲୁ ଜାଣିଥିଲୁ କିଏ ହଇରାଣ ହରକତ ହେଲେ ବୋପାକୁ ମଉସା ଡାକିବାକଥା । ହେଲେ ଆଜିକାଲିର ଛୁଆ ବାପାକୁ ଦାଡି ଡାକିଲେଣି !!

ସ୍କୁଲଗାଡ଼ି ଆସିଗଲା । ଗାଡ଼ି କହିଲେ ଗାଁ ଗହଳିର ଟ୍ରଲିରିକ୍ସା ଗୋଟେ । ତା' ପଟାଉପର ଚାରିକଡେ ଟିଣ ତାରଜାଲି କଭର କରାଯାଇଛି । ପଛପଟରେ ଗେଟ । ତା ଭିତରେ ଛୁଆ ବସିବାକୁ ଚାଖଣ୍ଡେ ଚଉଡା ପାଞ୍ଚଫୁଟିଆ ପଟା ଦୁଇପଟେ ବେଞ୍ଚପରି ବାଡ଼ିଆ ହୋଇଛି । ଦଶଟା ଛୁଆଙ୍କୁ ଖୁନ୍ଦିଖାନ୍ଦି ତା' ଭିତରେ ପୂରେଇ ପଛଗେଟରେ ବାହାରୁ କିଳିଣିଦେଇ ଟ୍ରଲିଭାଇ ଚଳେଇବା ଆରମ୍ଭ କଲେ । ଟ୍ରଲିବାଲାକୁ ପିଲାଏ ଅଙ୍କଲ ଡାକନ୍ତି । ଯଦିଓ ସେ ଏଇ ପିଲାଙ୍କ ଭିତରୁ କାହାର ମାମୁ କି କକା ନୁହଁ । ପିଲାଏ ତା' ଭିତରେ ବସି ଜାଲିପଟେ ବାହାରକୁ ବ୍ରଏଲର କୁକୁଡ଼ା ଗଲାବେଳେ ଚାହିଁଲାଭଳିଆ ଜୁଳୁ ଜୁଳୁକରି ଚାହୁଁଥାନ୍ତି । ମତେ ଲାଗୁଥିଲା ସେମାନେ ଛୁଆ ନୁହଁନ୍ତି.. ଯେମିତି ଛେଳି । ତାଙ୍କୁ କଂସେଇ ଧରିକି ନେଇ ଯାଉଛି କି ଆଉ ।

ଗଲାକାଲି ଟ୍ରଲି ଅଙ୍କଲ ଛାଡଖାଇରେ ସାଙ୍ଗ ସାଥୀରେ ମାଉଁସ ଭୋଜିରେ ଭଲକି ମାଲ୍ ପିଇ ମସ୍ତିକରି ଢ଼େରେ ବିଳମ୍ବ ରାତିରେ ଘରକୁ ଫେରିଥିଲେ । ଟ୍ରଲି ଧରି ଆସିଲାବେଳେ ଟଳି ଟଳି ଆସିଥିଲା । ଏକଥା କୁନିଛୁଆମାନେ କି ଜେଜେମା, ଜେଜେ ଜାଣନ୍ତେ ବା କେମିତି ? ଉଭୟେ ସରଳ ସହଜ ସ୍ୱଭାବର ।

ପିଲାଙ୍କୁ ନେଇ ଅଙ୍କଲ ଟ୍ରଲିରିସ୍କାରେ ଝୁଲି ଝୁଲି ଗଲାବେଳେ ମଝିରେ ମଝିରେ ପିଲାଏ ଚିତ୍କାରକରି କହୁଥାନ୍ତି... ଅଙ୍କଲ ! ଗାଡି ଭଲରେ ଚଲାଅ । ପଛରୁ ପିଲାଙ୍କ କଥା ଅଙ୍କଲଙ୍କୁ ଶୁଭୁଥିଲା କି କଣ, ମାତ୍ର ତାଙ୍କ କଣ୍ଠରୁ ଶୀତୁଆ ସକାଳର ପୁରୁଣା ଫିଲିମ ସଂଗୀତ ଛୁଟୁଥିଲା.... 'ଆଜି ମୁଁ ପିଇନି.. ଆଜି ମୁଁ ଛୁଇଁନି.. ବାକିଅଛି କାଲିର ନିଶା...' । ୟା ଭିତରେ କୋଉ କାଳରୁ ମରାମତି ହୋଇନଥିବା ସଡ଼କ କଡର ଖାଲରେ ଟ୍ରଲିର ପଛଚକା ଗଳିପଡି ଗାଡି ରାସ୍ତାପାଖ ଖାଲୁଆ ଜାଗାକୁ ଓଲଟିପଡିଲା । ଅଙ୍କଲଙ୍କ ମୁଣ୍ଡ ଗୋଟେ ପଥରରେ ପିଟିହୋଇ ଅକଲ ଗୁଡୁମ । କେହି ଉଠିବା ସହଜ ନଥିଲା । ଯାତାୟାତ କରୁଥିବା ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଗଲା । ବିଚରା ନିଷ୍ପାପ ପିଲାଙ୍କ ଜୀବନ, ଦଇବ ରଖିଲା ।

ଏଣିକିଆଉ ବୁଢ଼ା ବୁଢ଼ୀ କି ଟ୍ରଲିଅଙ୍କଲଙ୍କ ଉପରେ ଭରସା ନକରି ମମୀ ଡାଡିମାନେ ଛୁଆଙ୍କ ଦାୟିତ୍ୱ ନିଜେ ନେଇ ସ୍କୁଲକୁ ନେବା ଆଣିବା କଲେଣି ।

*-ମଙ୍ଗରାଜପୁର, ପୁରୀ ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଲୁଚାଛପା

**ଡାକ୍ତର ରାଜେନ୍ଦ୍ର କୁମାର ବେହେରା**
**ପ୍ରକାଶକ-ବନଫୁଲ, ଭୁବନେଶ୍ୱର, ମୂଲ୍ୟ-୧୪୦ଟଙ୍କା**

କବି ଡାକ୍ତର ରାଜେନ୍ଦ୍ର କୁମାର ବେହେରାଙ୍କର ଏହି ସଂକଳନରେ ୫୦ଟି କବିତା ସ୍ଥାନ ପାଇଛି । 'ଲୁଚାଛପା' କବିତାର ନାମ ଅନୁସାରେ ବହିଟିର ନାମକରଣ କରାଯାଇଛି । ସ୍କୁଲର ସିଲଟ ଖଡି ଧରି/ଅଙ୍କ କଷିଲା ପରି ତୁମେ ପଦେ ପଦେ ମୋର ଖିଆଲ ରଖୁଛ/କାହିଁ ତ ମୋ କଥାରେ ରାଜି ବୋଲି 'ହ' କରିନ/କି ଖୋଲି କହିନ/ ଲୁଚାଛପା ଖେଳ ଖେଳୁଛ । 'ସୁନେଲି ସପନ ହରେ ମୋ ମନ । ରାତିଦିନ ଦେଖେ ତୁମ ବଦନ ।' କବିଙ୍କ ଲିଖିତ ପ୍ରତ୍ୟେକଟି କବିତାରେ ପ୍ରେମ ଓ ଆବେଗ ସ୍ପଷ୍ଟ ବାରି ହୋଇପଡେ । ଶବ୍ଦବିନ୍ୟାସ ମଧ୍ୟ ଖୁବ ସୁନ୍ଦର । ତାଙ୍କର ଯେ କୌଣସି କବିତା ପଢନ୍ତୁ ନିଶ୍ଚୟ ନିଆରା ଲାଗିବ । ଏଥିରେ ସନ୍ଦେହ ନାହିଁ ।




### ଅଚିହ୍ନା ଆକାଶ

**ମନୋଜ କୁମାର ଜେନା**
**ପ୍ରକାଶିକା- ଶ୍ରୀମତୀ ଗୀତାଞ୍ଜଳି ଜେନା**
**ଗୌରୀ ଗାର୍ଡେନ୍, ଭୁବନେଶ୍ୱର, ମୂଲ୍ୟ-୧୦୦ଟଙ୍କା**

ଅଚିହ୍ନା ଅକାଶ ମନୋଜ କୁମାର ଜେନାଙ୍କ ଗଳ୍ପ ସଂକଳନ । ଗଳ୍ପଟିରେ ରଘୁନାଥବାବୁ ଓ ନିର୍ମଳା ଦେବୀ ଜମି ବିକ୍ରି ପୁଅକୁ ଆମେରିକା ଯିବା ଲାଗି ଟଙ୍କା ଦେଉଛନ୍ତି । କିନ୍ତୁ ପୁଅ ସେଠାରେ ଜଣେ ଖ୍ରୀଷ୍ଟିଆନ ଯୁବତୀଙ୍କୁ ବାହା ହେବାରୁ ବାପ ମା'ଙ୍କ ମନରେ କ୍ଷୋଭ ଜାତ ହୋଇଛି । ତେବେ ତାଙ୍କ ପାଇଁ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଲା ବୋହୂ କୃଷ୍ଣ ଆଉ ଭଗବତ୍ ବିଶ୍ୱାସୀ । ଏହା ହେଉଛି ଗଳ୍ପର ସାରାଂଶ ଯାହା ପାଠକଙ୍କୁ ବାନ୍ଧି ରଖିବ ।




### ରଫ୍ ଖାତାରେ ସାହିତ୍ୟ

**(ସମୀକ୍ଷା ଓ ସମାଲୋଚନା) ଡକ୍ଟର ପ୍ରସନ୍ନ କୁମାର ନାୟକ**
**ପ୍ରକାଶକ- ଲିପିକା, ହରିରାଜପୁର**
**ଜଟଣୀ, ମୂଲ୍ୟ- ୧୫୦ଟଙ୍କା**

ରଫ୍‌ଖାତାରେ ସାହିତ୍ୟ ଡକ୍ଟର ପ୍ରସନ୍ନ କୁମାର ନାୟକଙ୍କ ସମୀକ୍ଷା ଓ ସମାଲୋଚନା ପୁସ୍ତକ । ଏଥିରେ ୧୧ଟି ପ୍ରବନ୍ଧ ଓ ଆଲୋଚନା ପ୍ରକାଶିତ ହୋଇଛି । ଯେଉଁଥିରେ ଲୋକସାହିତ୍ୟ, ଲୋକକଳା, ଲୋକକାହାଣୀ ଓ ଲୋକନାଟକ ଆଦି ବିଷୟରେ ବିଷଦ ଭାବେ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ପ୍ରବନ୍ଧରେ ପଦ୍ୟ ସାହିତ୍ୟର ବିକାଶ ଓ ଉତ୍ପତ୍ତି ବିଷୟରେ ଆଲୋଚନା କରାଯାଇଛି । ଓଡିଆ ଗଦ୍ୟ ସାହିତ୍ୟର କିପରି କ୍ରମ ବିକାଶ ହୋଇଛି ସେ ବିଷୟରେ ମଧ୍ୟ ଏକ ପ୍ରବନ୍ଧରେ ବର୍ଣ୍ଣନା କରାଯାଇଛି । ଏହା ଏକ ଉପାଦେୟ ପୁସ୍ତକ ହେବ ବୋଲି ଆଶା କରାଯାଏ ।



# ଅଜବ କାରିଗରି

ଏଇ କଫି କପ୍‌କୁ ଦେଖି ଇଚ୍ଛା ହେଉଥିବ ପିଇବାକୁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏଇ କପ୍ କି ତା' ଭିତରେ ଥିବା କଫି ଅସଲି ନୁହେଁ। ବରଂ ଏହା ଜଣେ କାରିଗରଙ୍କ କଳାକୃତି। ସତସତିକା କଫି ପରି ଲାଗୁଥିବା ଏହି କଳାକୃତିକୁ ଜାପାନର କାଠ କାରିଗର କିବୋରି ନୋକୋନା ତିଆରି କରିଛନ୍ତି। ଅର୍ଥାତ୍ ଏହା କାଠର ଏକ କଳାକୃତି। ଧଳା କପ୍‌ରେ ଗରମ ଗରମ କଫିର ଏହି କଳାକୃତି ଏତେ ବାସ୍ତବ ଲାଗେ ଯେ ପ୍ରଥମ ନଜରରେ ଯେକେହି ଏହାକୁ ସତସତିକା ମନେକରିବେ। ହେଲେ ସେ ଏହାକୁ କାଠରେ ଖୋଦେଇ କରି ତିଆରି କରିଛନ୍ତି। ଆଉ କଫିର ଫେଣକୁ ସେ ହ୍ୟାଣ୍ଡ ଡ୍ରିଲ୍ ସାହାଯ୍ୟରେ ପ୍ରସ୍ତୁତ କରିଛନ୍ତି। ପରେ



ଏଥିରେ ସେ ପେଣ୍ଟ, ବାର୍ଣ୍ଣିସ୍‌ର ବ୍ୟବହାର କରିଛନ୍ତି। ଏହାକୁ ତିଆରି କରିବାକୁ କିବୋରିଙ୍କୁ ୧୨ ଘଣ୍ଟା ସମୟ ଲାଗିଥିଲା।







# ରୋବୋଟିକ ଇଞ୍ଜିନିୟର ଅଫିସ୍ ଯାଆନ୍ତି ସ୍କର୍ଟ ପିନ୍ଧି

ଜର୍ମାନୀର ୬୩ ବର୍ଷୀୟ ମାର୍କ ବ୍ରାୟନ୍। ପେସାରେ ଜଣେ ରୋବୋଟିକ୍ ଇଞ୍ଜିନିୟର। ବଳିଷ୍ଠ ଶରୀର। ଦେଖିବାକୁ ବେଶ୍ ହ୍ୟାଣ୍ଡସମ୍ ଓ ସ୍ମାର୍ଟ। ହେଲେ ଅଫିସ୍‌କୁ ଗଲାବେଳେ ତାଙ୍କ ବ୍ୟକ୍ତିତ୍ୱ ବଦଳିଯାଏ। କାରଣ ଅଫିସ୍ ଲାଗି ରେଡି ହେବାବେଳେ ସେ ଆଲମାରୀରୁ ବାହାର କରନ୍ତି ତାଙ୍କର ସାର୍ଟ, ବ୍ଲେଜର୍ ଓ ସୁନ୍ଦର ସୁନ୍ଦର ଷ୍ଟାଇଲିସ୍ ସ୍କର୍ଟ। କେବେ ସେ ସାର୍ଟ ଉପରେ ବ୍ଲେଜର୍ ପିନ୍ଧି ତା'ସହ ସ୍କର୍ଟକୁ ପେୟାର୍ କରନ୍ତି ତ କେବେ ସେ ସାର୍ଟ ସହ ସ୍କର୍ଟ ପିନ୍ଧନ୍ତି। ଆଉ ତା'ସହ ପିନ୍ଧନ୍ତି ହାଇ ହିଲ୍ସ। ବଳିଷ୍ଠ ଚେହେରା ସାଙ୍ଗକୁ ତାଙ୍କର ଏଭଳି ପୋଷାକ ପରିପାଟି ତାଙ୍କୁ ବେଶ୍ ଅଜବ ଲୁକ୍ ଦିଏ। ତାଙ୍କର ଏଭଳି ଲୁକ୍‌କୁ ଦେଖି କିଏ ତାଙ୍କୁ ସମଲୈଙ୍ଗିକ ଭାବନ୍ତି ତ କିଏ କିନ୍ନର। କିନ୍ତୁ ସେ ନା ସମଲୈଙ୍ଗିକ ନା କିନ୍ନର। ସେ ତ ସୁଖି ଦାମ୍ପତ୍ୟ ଜୀବନ ଅତିବାହିତ କରୁଛନ୍ତି ଓ ତିନି ସନ୍ତାନର ଜନକ ବି ଅଟନ୍ତି। ହେଲେ ଦୀର୍ଘ ୬ ବର୍ଷ ହେବ ସେ ସବୁଦିନ ଅଫିସ୍‌କୁ ଯିବାବେଳେ ସ୍କର୍ଟ ଓ ହାଇ ହିଲ୍ସ ପିନ୍ଧୁଛନ୍ତି। ଘରେ ଓ ଅନ୍ୟ ସ୍ଥାନରେ ସେ ପୁରୁଷଙ୍କ ପରି ସାମାନ୍ୟ କପଡା ପିନ୍ଧନ୍ତି। ହେଲେ କେବଳ ଅଫିସ୍‌କୁ ସେ ସ୍କର୍ଟ ଓ ହାଇ ହିଲ୍ସ ପିନ୍ଧନ୍ତି। ସେ କୁହନ୍ତି, 'ମତେ ଏଭଳି ପୋଷାକ ପିନ୍ଧିବାକୁ ବହୁତ ଭଲ ଲାଗେ। ମୋ ମତରେ ତ ପୋଷାକର କିଛି ଲିଙ୍ଗ ନ ଥାଏ। ତେଣୁ କିଏ ବି କେଉଁ ପ୍ରକାରର ପୋଷାକ ପିନ୍ଧିପାରିବେ।'



ବ୍ୟାକ୍ ପେଜ୍



# ୨ କି.ମି. ଲମ୍ବା ଟ୍ରେନ୍

ସ୍ୱିଜରଲାଣ୍ଡର ଟ୍ରେନ୍ ଯାତ୍ରା ବେଶ୍ ମନୋରମ। ନିକଟରେ ଏହି ରେଳସେବା ୧୭୫ ବର୍ଷ ପୂରଣ କରିଛି। ଆଉ ଏହି ଅବସରରେ ଏଠାକାର ରେଳ କମ୍ପାନୀ ତିଆରି କରିଛି ପୃଥିବୀର ସବୁଠାରୁ ଲମ୍ବା ଟ୍ରେନ୍। ସ୍ୱିସ୍ ଟ୍ରାନ୍ସପୋର୍ଟ କମ୍ପାନୀ ରେହଟିଶିୟନ ରେଲୱେ ଓ ସ୍ୱିସ୍ ଟ୍ରେନ୍ ନିର୍ମାତା କମ୍ପାନୀ ଷ୍ଟେଡଲର୍ ଏକତ୍ର ମିଶି ଏହି ଟ୍ରେନ୍ ନିର୍ମାଣ କରିଛନ୍ତି। ଉକ୍ତ ଟ୍ରେନ୍‌କୁ ୨୫ଟି ଟ୍ରେନ୍ ମିଶାଇ କରାଯାଇଛି, ଯେଉଁଥିରେ ଅଛି ୧୦୦ଟି ବଗି। ଆଉ ଏହାର ଲମ୍ବ ୨ କି.ମି। ଉକ୍ତ ଲମ୍ବା ଟ୍ରେନ୍ ୨୫ କି.ମି. ଯାତ୍ରା କରିଥିଲା। ଆଉ ସେଥିରେ ୩୦୦୦ ଯାତ୍ରୀ ଯାତ୍ରା କରିଥିଲେ। ଏହି ଯାତ୍ରାକୁ ଟିଭିରେ ସମସ୍ତଙ୍କୁ ଦେଖାଇବା ଲାଗି ୧୯ଟି କ୍ୟାମେରାକୁ ଡ୍ରୋନ ଓ ହେଲିକପ୍ଟରରେ ଫିଟ୍ କରାଯାଇଥିଲା। ଯେଉଁ ରୁଟ୍‌ରେ ଟ୍ରେନ୍‌ଟି ଗଲା ତାହାକୁ ଏଲବୁଲା ଲାଇନ୍ କୁହାଯାଏ। ଆଉ ତାହା ୟୁନେସ୍କୋର ୱାର୍ଲଡ ହେରିଟେଜ୍ ଅନ୍ତର୍ଗତ ଅଟେ। ଏହି ଲାଇନ୍ ପୂର୍ବ ସ୍ୱିଜରଲାଣ୍ଡର ପ୍ରେଡାରୁ ଏଲୱାନ୍ୟୁ ପର୍ଯ୍ୟନ୍ତ ଯାଇଛି। ଆଲ୍ପସ ପର୍ବତମାଳା ମଧ୍ୟ ଦେଇ ଯାଇଥିବା ଉକ୍ତ ରେଳ ଲାଇନ୍‌ରେ ଟ୍ରେନ ଚଳାଇବା ବହୁତ କଷ୍ଟକର। କାରଣ ଯେଉଁଠି ସାଧାରଣ ନ୍ୟାରୋଗେଜ୍ ୧.୪ ମିଟରର ହୋଇଥାଏ, ଏହାର ରେଳଧାରଣାର ଚଉଡା କିନ୍ତୁ ମାତ୍ର ୧ ମିଟର ଅଟେ। ତା'ଛଡା ରାସ୍ତାରେ ୨୨ଟି ଟନେଲ, ୪୮ଟି ବ୍ରିଜ୍ ପଡିଥାଏ। ଆଉ ରେଳ ଲାଇନ୍‌ର ଉଭୟ ପାର୍ଶ୍ୱରେ ଗଭୀର ଘାଇ ଅଛି। ରେଳଧାରଣ ଅଙ୍କା ବଙ୍କା ତେଣୁ ଟ୍ରେନକୁ ଦ୍ରୁତଗତିରେ ଚଳାଇ ହୁଏନା। ୭ଜଣ ଡ୍ରାଇଭର୍‌ଙ୍କ ଉପରେ ଏହି ଟ୍ରେନ୍ ଚଳାଇବା ଦାୟିତ୍ୱ ଥିଲା। ଟ୍ରେନ୍‌ର ଗତି ସାମାନ୍ୟ ବଢିଲେ ବି ରେଳଧାରଣ ଉପରେ ଚାପ ପଡି ବଡ ଦୁର୍ଘଟଣା ହେବାର ବି ଆଶଙ୍କା ଥିଲା। ତେଣୁ ୨୫ କି.ମି. ଯାତ୍ରାକୁ ଘଣ୍ଟା ପ୍ରତି ମାତ୍ର ୩୫ କି.ମି ବେଗରେ ଚଳାଇ ୧ ଘଣ୍ଟାରେ ଟ୍ରେନ୍‌କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଯାଇଥିଲା।